ଆଜି - ବୁଧବାର
ତାରିଖ - ୧୧ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୭
ତିଥି - ଅଷ୍ଟମୀ- ଶୁକ୍ଳ
ନକ୍ଷତ୍ର - ଜ୍ୟେଷ୍ଠା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୭: ୦୦
ସୂର୍ଯ୍ୟାସ୍ତ - ୫ : ୪୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପଛକୁ ଚାହଁନାହିଁ – ଆଗକୁ, ଅସୀମ ଶକ୍ତି, ଅସୀମଉତ୍ସାହ, ଅସୀମ ସାହସିକତା ଏବଂ ଅସୀମ ଧୈର୍ଯ୍ୟ–ତାହା ହେଲେ ହିଁ ବଡ଼ ବଡ଼ କାମ ହାସଲ କରାଯାଇପାରିବ ।"
– ସ୍ୱାମୀ ବିବେକାନନ୍ଦ


E-News : www.theajikali.com

Vol.- 40 ISSUE- 326 R.N.I. REGD. No. 44026/86 ବାଲେଶ୍ୱର ୧୧ ମାର୍ଚ୍ଚ ୨୦୨୬ ବୁଧବାର BALASORE 11 MARCH 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପୁରୁଲିଆ-ଆନନ୍ଦ ବିହାର ଟର୍ମିନାଲ ଏକ୍ସପ୍ରେସ ଏବଂ ପଦାନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସର ଉଦ୍‌ଘାଟନୀ ଯାତ୍ରାକୁ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ



କୋଲକାତା : ମାନ୍ୟବର ପ୍ରଧାନମନ୍ତ୍ରୀ ୧୪.୦୩.୨୦୨୬ରେ ପୁରୁଲିଆ-ଆନନ୍ଦ ବିହାର ଟର୍ମିନାଲ ଏକ୍ସପ୍ରେସର ଉଦଘାଟନୀ ଯାତ୍ରାକୁ ଏବଂ ୧୧.୦୩.୨୦୨୬ରେ ପୋଦାନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ୦୪୦୨୦ ପୁରୁଲିଆ-ଆନନ୍ଦ ବିହାର ଟର୍ମିନାଲ ସ୍ପେଶାଲ ୧୪.୦୩.୨୦୨୬ରେ ପୁରୁଲିଆରୁ ଅପରାହ୍ଣ ୨ :୩୦ ରେ ଛାଡିବ ଏବଂ ପରଦିନ ରାତି ୨୦ :୩୫ ରେ ଆନନ୍ଦ ବିହାର ଟର୍ମିନାଲରେ ପହଂଚିବ । ଉଦ୍‌ଘାଟନୀ ଟ୍ରେନରେ ମୁରି, ରାଂଚି, ଟୋରୀ, ଲାଟେହର, ବାରୱାଡିହ, ଡାଲଟୋଙ୍ଗଞ୍ଜ, ଗରୱା ରୋଡ, ଜାପଲା, ଦେହରୀ ଅନ୍ ସୋନ, ସାସରାମ, ଭାବୁଆ ରୋଡ, ପି । ଦେନ୍ ଦିନଲ ଉପାଧ୍ୟାୟ, ବାରାଣାସୀ, ଅଯୋଧା କ୍ୟାଂଟ । ପୁରୁଲିଆ-ଆନନ୍ଦ ବିହାର ଟର୍ମିନାଲ୍-ପୁରୁଲିଆ ଏକ୍ସପ୍ରେସର ନିୟମିତ ଚାଲିବାର ତାରିଖ ପରେ ସୂଚିତ କରାଯିବ । ପୋଦାନୁର-ଧନବାଦ୍ ଅମୃତ ଭାରତ ସ୍ପେଶାଲ୍ ର ଉଦ୍ଘାଟନୀ ରନ୍ । ୦୬୬୧୯ ପୋଦାନୁର-ଧନବାଦ୍ ଅମୃତ ଭରତ ସ୍ପେଶାଲ ୧୧.୦୩.୨୦୨୬ ରେ ୧୭:୩୦ ଘଂଟାରେ ପୋଡାନୁର ଛାଡି ତୃତୀୟ ଦିନ ୧୨:୩୦ ରେ ଧାନବାଡରେ ପହଂଚିବେ । ଉଦ୍‌ଘାଟନୀ ଟ୍ରେନରେ କୋଏମ୍ବାଟୁର, ତିରୁପୁର, ଏରୋଡ, ସାଲେମ, ଜୋଲାରପେଟାଇ, କାଟପାଡି, ତିରୁତାନି, ରେନିଗୁଂଟା, ନେଲୋର, ଅଙ୍ଗୋଲେ, ବିଜୟୱାଡା, ଏଲୁରୁ, ରାଜହମୁଣ୍ଡ୍ରି, ସାମଲକୋଟ, ଦୁବଭଡା, ସିମ୍ହାଚାଲାମ ନଗର, କୋଟବାଭାଲୀଲାଭା, ମୁନିଗୁଡା, କେସିଙ୍ଗା, ଟିଟଲାଗଡ, ବଲାଙ୍ଗିର, ବରଗଡ ରୋଡ, ସମ୍ବଲପୁର, ଝବକ୍କ ।ରସୁଗୁଡା, ରାଉରକେଲା, ହାଟିଆ, ରାଂଚି, ମୁରି, ବୋକରୋ ଷ୍ଟିଲ ସିଟି, ଚନ୍ଦ୍ରପୁରା ଏବଂ କାଟ୍ରାସଗଡ ଷ୍ଟେସନଗୁଡ଼ିକ ଏଂଟ୍ରୋଏଟ୍ । ପୋଡାନୁର-ଧନବାଦ୍-ପୋଦାନୁର ଅମୃତ ଭାରତ ଏକ୍ସପ୍ରେସର ନିୟମିତ ଚାଲିବାର ତାରିଖ ପରେ ସୂଚିତ କରାଯିବ ।

## ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପ୍ରଦର୍ଶନୀ ପଡିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବୁଲି ଦେଖିଛନ୍ତି । ଏଥିସହ ଏହି ପ୍ରଦର୍ଶନୀକୁ ଆଉ ଦୁଇ ଦିନ ବଢାଇବା ପାଇଁ ଘୋଷଣା କରିଛନ୍ତି । ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖରେ ଶେଷ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସଂକଳ୍ପ ରହିଛି, ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଂଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୂଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତନ ଆସିଛି । ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ, ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ୨୦୨୫ ରେ ଜିରୋ ଏଫଆଇଆର ସଂଖ୍ୟା



ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା । ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରୀତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବାରେ ଏକ ଉତମ ପଦକ୍ଷେପ । ୧୬୬ ପ୍ରତିଶତ ବୃଦ୍ଧି ପାଇଛି । ଏହି ଆଇନ ବ୍ୟତୀତ ଆମେ ପୋଲିସକୁ ଦକ୍ଷ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ନେଉଛୁ । National Forensic Science University ଏବଂ Central Forensic Science Laboratory ପାଇଁ ଶିଳାନ୍ୟାସ କରାଯାଇଛି । ଆଧୁନିକ ଟେକ୍ନୋଲୋଜିରେ ପୋଲିସକୁ ପାରଙ୍ଗମ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ସହିତ ଏମଓୟୁ ହୋଇଛି । ପୋଲିସ୍ କୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ମଧ ଏମଓୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## କୋଏମ୍ବାଟୁରଠାରୁ ଧାନବାଦ୍‌କୁ ନୂଆ ଅମୃତ ଭାରତ ଟ୍ରେନ ଚାଲିବ : ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର: ଓଡ଼ିଶା ପାଇଁ ବଡ଼ ଖୁସି ଖବର ଆସିଛି । ରେଳ ସଂଯୋଗୀକରଣ ନେଇ ବଡ଼ ଘୋଷଣା କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । କୋଏମ୍ବାଟୁର ଠାରୁ ଧାନବାଦ୍‌କୁ ନୂଆ ଅମୃତ ଭାରତ ଟ୍ରେନ୍ ମଞ୍ଜୁର । ଓଡିଶାର ୯ଟି ଷ୍ଟେସନ ଦେଇ ଚାଲିବ ଏହି ଟ୍ରେନ୍ । ଓଡିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋତନୁର (Podanur Junction, Coimbatore) ଏବଂ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି । ଏହି ସେବା ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ଆହୁରି ସୁଦୃଢ଼ କରିବ ବୋଲି ଏହି ଚିଠି ମାଧ୍ୟମରେ ଜଣାଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ । ଯାହାକୁ ନେଇ ଉଭୟ କେନ୍ଦ୍ର ସରକାର ଏବଂ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି



ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ନିଜ ଏକ୍ସ ହ୍ୟାଣ୍ଡେଲ ମାଧ୍ୟମରେ ଧନ୍ୟବାଦ ଜଣାଇଛନ୍ତି । କହିରଖୁଛୁ, ଝାଡ଼ଖଣ୍ଡ ପହଂଚିବା ପୂର୍ବରୁ ଏହି ଟ୍ରେନ୍ ଓଡ଼ିଶାର ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ । ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ ।

## ଫସଲର ଦ୍ୱିତୀୟ ଅଗ୍ରୀମ ଆକଳନକୁ ଅନୁମୋଦନ କଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ୨୦୨୫-୨୬ ବର୍ଷ ପାଇଁ ପ୍ରମୁଖ କୃଷି ଫସଲ (ଖରିଫ ଏବଂ ରବି) ଉତ୍ପାଦନର ଦ୍ୱିତୀୟ ଅଗ୍ରୀମ ଆକଳନ ପ୍ରକାଶ କରିଛି । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ପ୍ରମୁଖ କୃଷି ଫସଲର ତଥ୍ୟକୁ ଅନୁମୋଦନ କରିଛନ୍ତି । ଏହିତଥ୍ୟପ୍ରକାଶ କରି ସେକହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷକମାନଙ୍କ ସମୃଦ୍ଧିଏବଂ କୃଷି କ୍ଷେତ୍ରର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଫଳସ୍ୱରୂପ, ଆମର କୃଷି କ୍ଷେତ୍ର ସ୍ଥିର ପ୍ରଗତି କରୁଛି । ରାଜ୍ୟଗୁଡ଼ିକରୁ ପ୍ରାପ୍ତ ଫସଲ କ୍ଷେତ୍ରତଥ୍ୟକୁ ରିମୋଟ୍ ସେନ୍ସିଂ, ସାପ୍ତାହିକ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକରୁ ପ୍ରାପ୍ତ ସୂଚନା ସହିତ ପ୍ରମାଣିତକରାଯାଇଛି । ଏହା ବ୍ୟତୀତ, ଉତ୍ପାଦନ ଆକଳନ ଫସଲ ଅମଳ ପ୍ରୟୋଗ (ସିସିଇ),



ପୂର୍ବ ଧାରା ଏବଂ ଅନ୍ୟାନ୍ୟ ଯୋଗଦାନକାରୀ କାରଣ ଉପରେ ଆଧାରିତ । ଦ୍ୱିତୀୟ ଅଗ୍ରିମ ଆକଳନ ଖରିଫ ଏବଂ ରବି ଋତୁକୁ ସାମିଲ କରିଥାଏ ।ଗ୍ରୀଷ୍ମ ଋତୁକୁ ତୃତୀୟ ଅଗ୍ରିମ ଆକଳନରେ ସାମିଲ କରାଯିବ । ଏଥର ଖାଦ୍ୟଶସ୍ୟ ଉତ୍ପାଦନ ପରିସ୍ଥିତି ଅତ୍ୟନ୍ତ ଦୃଢ଼ ଏବଂ ଏକ ରେକର୍ଡ ସ୍ତରରେ ଥିବା ପରି ମନେ ହେଉଛି । ୨୦୨୫-୨୬ ପାଇଁ ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ, ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୧.୪୪ ଲକ୍ଷମେଟ୍ରିକ୍ ଟନ୍ (ଏଲଏମଟି)ଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୫.୧୩ଏଲଏମଟି ହେବ ବୋଲି ଆକଳନ କରାଯାଇଛି । ଏହା ଗତ ବର୍ଷର ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୧୬୯୪.୬୦ଏଲଏମଟିଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧୬୯୧.୬୬ଏଲଏମଟିତୁଳନାରେ ଯଥାକ୍ରମେ ପ୍ରାୟ ୪୬ଏଲଏମଟି (୨.୮%) ଏବଂ ୫୩ଏଲଏମଟି (୩.୨%) ଅଧିକ । ଖରିଫ ଧାନ ଉତ୍ପାଦନ ୨୦୨୪-୨୫ ମସିହାର ୧୨୨୭.୭୨ ଲକ୍ଷ ମେଟ୍ରିକ ଟନ୍ ତୁଳନାରେ ୧୨୩୯.୨୮ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ୧୧.୫୬ ଲକ୍ଷ ମେଟ୍ରିକ ଟନ୍ ଅଧିକ । ରବି ଧାନ ଉତ୍ପାଦନ ୧୬୭.୨୦ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି । ଗହମ ଉତ୍ପାଦନ ୧୨୦୨.୧୦ ଲକ୍ଷ ମେଟ୍ରିକ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷର ୧୧୭୯.୪୫ ଲକ୍ଷ ମେଟ୍ରିକ ଟନ୍ ତୁଳନାରେ ୨୨.୬୫ ଲକ୍ଷ ମେଟ୍ରିକ ଟନ୍ ଅଧିକ । ଶ୍ରୀ ଅନ୍ନ (ଖରିଫ) ଉତ୍ପାଦନ ୧୨୩.୪୩ ଏଲଏମଟିଏବଂ ଶ୍ରୀ ଅନ୍ନ (ରବି) ୩୦.୯୮ଏଲଏମଟିହେବ ବୋଲି ଆକଳନ କରାଯାଇଛି । ଖରିଫ ମକା ଉତ୍ପାଦନ ରେକର୍ଡ ୩୦୨.୪୭ଏଲଏମଟିଏବଂ ରବି ମକା ଉତ୍ପାଦନ ରେକର୍ଡ ୧୫୯.୦୩ଏଲଏମଟିହେବ ବୋଲି ଆକଳନ କରାଯାଇଛି, ଯାହା ଫଳରେ ପୁଷ୍ଟିକର ଶସ୍ୟରେ ମଧ ଦୃଢ଼ ଅଭିବୃଦ୍ଧି ଘଟିଛି ।

## ପୁରୀ ଆକାଶବାଣୀ କେନ୍ଦ୍ର ଗସ୍ତ କଲେ ପିଆଇବି ଏଡିଜି ଅଖିଳ ମିଶ୍ର

ଭୁବନେଶ୍ୱର : କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ପ୍ରଚାରପ୍ରସାର ତଥା ଜନସମ୍ପର୍କ ଅଭିଯାନକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଆଜି ପୁରୀ ଆକାଶବାଣୀ କେନ୍ଦ୍ର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ବିକଶିତ ଭାରତ ଅ୨୦୪୭' ସଂକଳ୍ପକୁ ସାକାର କରିବା ଦିଗରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଗସ୍ତ ସମୟରେ ଶ୍ରୀ ମିଶ୍ର ପୁରୀ ଆକାଶବାଣୀ କେନ୍ଦ୍ରର ଭିତିଭୂମି, ସୁବିଧା ସୁଯୋଗ ଏବଂ କର୍ମଚାରୀଙ୍କ ସ୍ଥିତି ପରଖିବା ସହ ବର୍ତମାନର ପ୍ରସାରଣ କ୍ଷେତ୍ରରେ ଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ । ଆଧୁନିକ




ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହ ପ୍ରସାରଣ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କହିଥିଲେ, ନୂତନ ପ୍ରଯୁକ୍ତିବିଦ୍ୟାର ଉପଲବ୍ଧତା ଯୋଗୁଁ ଆଜିର ଶ୍ରୋତା ବର୍ଗ ବିଭିନ୍ନ ଭାଗରେ ବିଭକ୍ତ ହୋଇଯାଇଛନ୍ତି । ବିଭ୍ରାନ୍ତିକର ତଥ୍ୟ ଏବଂ ଗୁଜବ ବା ମିଥ୍ୟା ଖବରର ଏହି ଯୁଗରେ ସରକାରୀ ଗଣମାଧ୍ୟମର ଦାୟିତ୍ୱ ଆହୁରି ବଢ଼ିଯାଇଛି । ସଠିକ୍, ସତ୍ୟ ଏବଂ ବିଶ୍ୱସନୀୟ ସୂଚନା ଲୋକଙ୍କ ପାଖରେ ପହଂଚାଇବା ଆଜିର ସମୟରେ ସାମ୍ବାଦିକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଭାରତୀୟ ପ୍ରସାରଣ ବ୍ୟବସ୍ଥାର ବିବିଧତା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ବିପର୍ଯ୍ୟୟ ସମୟରେ ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସହ ସିଧାସଳଖ ଯୋଡ଼ି ହୋଇଥାଏ, ଯାହା ସୂଚନା ଆଦାନପ୍ରଦାନ କ୍ଷେତ୍ରରେ ଏକ ଅନନ୍ୟ ମାଧ୍ୟମ । ଏହି ବୈଠକରେ କେନ୍ଦ୍ରୀୟ ସଂଚାର ବ୍ୟୁରୋର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ, ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ଶ୍ରୀ ସ୍ୱାଧୀନ ଶକ୍ତି ପ୍ରସାଦଙ୍କ ସମେତ ପୁରୀ ଆକାଶବାଣୀ କେନ୍ଦ୍ରର ମୁଖ୍ୟ ଶ୍ରୀ ଶିଲେନ ପଟ୍ଟନାୟକ, କାର୍ଯ୍ୟକ୍ରମ ନିର୍ବାହୀ ଶ୍ରୀ ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଚାର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ପୁରୀର ଅନେକ ବରିଷ୍ଠ ସାମ୍ବାଦିକ ମଧ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅଳ୍ପରେ ଖବର

- ବାଲେଶ୍ୱର ପୂର୍ବତନ ସାଂସଦ ତଥା ବାଲେଶ୍ୱର ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ରବୀନ୍ଦ୍ର ଜେନା ବିଜେଡି ଛାଡ଼ିଛନ୍ତି । ରବୀନ୍ଦ୍ର ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି ।
- ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ସୂତ୍ରରୁ ସୂଚନା ପାଇ ଓଡିଶା ସରକାର ବିଦେଶରୁ ୧୫୮ ଜଣ ଶ୍ରମିକଙ୍କୁ ଭାରତ ସରକାରଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି ।
- ସିଆଇଏସଏଫ୍‌ର ସ୍ଥାପନା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ।

## ଭାରତ ସହିତ ସ୍ଥଳ ସୀମା ଲାଗିଥିବା ଦେଶଗୁଡ଼ିକରୁ ନିବେଶ ଉପରେ ମାର୍ଗଦର୍ଶିକାରେ ପରିବର୍ତନକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ : ସ୍ଥଳ ସୀମାବର୍ତୀ ଦେଶଗୁଡ଼ିକରୁ ନିବେଶ ପାଇଁ ଏଫଡିଆଇନୀତିରେ ପରିବର୍ତନକୁ କ୍ୟାବିନେଟ୍ ଅନୁମୋଦନ କରିଛି, ଏହା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ପୁଞ୍ଜି ସାମଗ୍ରୀ ଏବଂ ସୌର ସେଲ୍ ଉତ୍ପାଦନରେ ସହାୟତା କରିବ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଭାରତ ସହିତ ସ୍ଥଳ ସୀମା ଲାଗିଥିବା ଦେଶଗୁଡ଼ିକରୁ ନିବେଶ ପାଇଁ ମାର୍ଗଦର୍ଶିକାରେ ପରିବର୍ତନକୁ ମଞ୍ଜୁର କରିଛି । ବର୍ତମାନର ନୀତିକୁ ନିମ୍ନମତେ ସମୀକ୍ଷା ଏବଂ ସଂଶୋଧନ କରାଯାଇଛି: କ. 'ଲାଭକାରୀ ମାଲିକ' (ବିଓ) ନିର୍ଣ୍ଣୟ ପାଇଁ ପରିଭାଷା ଏବଂ ମାନଦଣ୍ଡର ଅନ୍ତର୍ଭୁକ୍ତିକରଣ – ଏହି ସଂଶୋଧନରେ ମନି ଲଣ୍ଡରିଂ ନିବାରଣ ନିୟମାବଳୀ, ୨୦୦୫ ଅନୁଯାୟୀ ନିବେଶକ ଗୋଷ୍ଠୀ ଦ୍ୱାରା ବ୍ୟାପକ ଭାବରେ ବ୍ୟବହୃତ ଲାଭକାରୀ ମାଲିକାନା ନିର୍ଣ୍ଣୟ ପାଇଁ ଏକ ପରିଭାଷା ଏବଂ ମାନଦଣ୍ଡ ପ୍ରଦାନ କରାଯାଇଛି । ନିବେଶକ ସଂସ୍ଥା ସ୍ତରରେ ଲାଭଦାୟକ ମାଲିକାନା ପରୀକ୍ଷା ପ୍ରୟୋଗ କରାଯିବ । ପ୍ରଯୁଜ୍ୟ କ୍ଷେତ୍ରୀୟ ସୀମା, ପ୍ରବେଶ ମାର୍ଗ, ସହାୟକ ସର୍ତାବଳୀ ଅନୁଯାୟୀ ୧୦ପ୍ରତିଶତ ପର୍ଯ୍ୟନ୍ତ ଅଣ-ନିୟନ୍ତ୍ରିତ ଏଲବିସି ଲାଭକାରୀମାଲିକାନା ସହିତ ନିବେଶକମାନଙ୍କୁ ସ୍ୱୟଂଚାଳିତ ମାର୍ଗ ଅଧୀନରେ ଅନୁମତି ଦିଆଯିବ । ନିବେଶକାରୀ ସଂସ୍ଥା ଦ୍ୱାରା ଡିପିଆଇଆଇଟିକୁ ପ୍ରାସଙ୍ଗିକ ସୂଚନା/ବିବରଣୀର ରିପୋର୍ଟିଂ ଉପରେଏପରି ନିବେଶ ନିର୍ଭର କରିବ । ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିବେଶର ତ୍ୱରିତ ମଞ୍ଜୁରୀ – ପୁଞ୍ଜିଗତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ପୁଞ୍ଜିଗତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ଉପାଦାନ, ପଲିସିଲିକନ୍ ଏବଂ ଇନଗଟ୍-ୱେଫରରେ ନିର୍ମାତାଙ୍କ ନିର୍ଦ୍ଦିଷ୍ଟ କ୍ଷେତ୍ର/କାର୍ଯ୍ୟକଳାପରେ ଏଲବିସି ନିବେଶ ପାଇଁ ପ୍ରସ୍ତାବଗୁଡ଼ିକ ଉପରେ୬୦ଦିନ ମଧ୍ୟରେ ପ୍ରକ୍ରିୟାକରଣ ଏବଂ ନିଷ୍ପତି ନିଆଯିବ । କ୍ୟାବିନେଟ ସଚିବଙ୍କ ଅଧୀନରେ ସିଓଏସନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକର ତାଲିକାକୁ ମଧ୍ୟ ସଂଶୋଧନ କରିପାରନ୍ତି । ଏହି ପରିସ୍ଥିତିରେ, ନିବେଶକ ସଂସ୍ଥାର ଅଧିକାଂଶ ଅଂଶଧନ ଏବଂ ନିୟନ୍ତ୍ରଣ ସର୍ବଦା ବାସିନ୍ଦା ଭାରତୀୟ ନାଗରିକ(ମାନଙ୍କ) ଏବଂ/କିମ୍ବା ବାସିନ୍ଦା ଭାରତୀୟ ନାଗରିକ(ମାନଙ୍କ)ଙ୍କ ମାଲିକାନାରେ ଏବଂ ନିୟନ୍ତ୍ରଣରେ ଥିବା ବାସିନ୍ଦା ଭାରତୀୟ ସଂସ୍ଥା(ମାନଙ୍କ) ପାଖରେ ରହିବ ।

## ରାଜ୍ୟରେ ଯଥେଷ୍ଟ ପରିମାଣରେ ରନ୍ଧନ ଗ୍ୟାସ ଉପଲବ୍ଧ ଅଛି : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ରାଜ୍ୟରେ ଯଥେଷ୍ଟ ପରିମାଣରେ ରନ୍ଧନ ଗ୍ୟାସ ଉପଲବ୍ଧ ରହିଛି । ଜନସାଧାରଣଙ୍କୁ ଏଥି ନେଇ ବିଶେଷ ଚିନ୍ତିତ ନ ହେବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସ୍ଥିତି ଅନୁଧାନ କରିଛନ୍ତି । ଏହି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଗ୍ୟାସ ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଓସିଏଲ, ଏଚବିସିଏଲ ଓ ବିପିସିଏଲ କମ୍ପାନୀର କର୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସମ୍ପର୍କରେ ତୈଳ କମ୍ପାନୀ କର୍ତୃପକ୍ଷମାନଙ୍କ




ପକ୍ଷରୁ ସୂଚନା ଦିଆଯାଇଥିଲା । ସେହିପରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡିକ ପାଇଁ ମଧ ରନ୍ଧନ ଗ୍ୟାସ ଯୋଗାଣରେ ସମସ୍ୟା ନାହିଁ । ମୁଖ୍ୟ ଶାସନ ସଚିବ ସୁବିଧାରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ ହେବା ନେଇ ଯୋଗାଣ ଶୃଙ୍ଖଳ ସନ୍ତୁଳନ ବଜାୟ ରଖିବାକୁ ତୈଳ କମ୍ପାନୀ କର୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବଧତା ନେଇ ତୈଳ କମ୍ପାନୀ କର୍ତୃପକ୍ଷମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି ତାହାର ଏକ ରିପୋର୍ଟ ମଧ ରାଜ୍ୟ ସରକାରଙ୍କ ଖାଦ୍ୟ ଯେଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ପ୍ରତିଦିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



# ବାଲେଶ୍ୱର ଠାରେ ଅନୁଷ୍ଠିତ ହେଲା ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଅଧିନିୟମ-୨୦୦୫ କର୍ମଶାଳା

ବାଲେଶ୍ୱର,(ନି.ପ୍ର.): ଆଜି ପୂର୍ବାହ୍ନ ୧୦ ଟା ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଅଧିନିୟମ - ୨୦୦୫ ଉପରେ ଏକ ଜିଲ୍ଲା ସ୍ତରୀୟ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଭାର ଆୟୋଜନ ପୂର୍ବରୁ ବାଲେଶ୍ୱରର ବିଭିନ୍ନ କଲେଜରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ଦ୍ୱାରା ସୂଚନା ଅଧିକାର ଅଧିନିୟମ ସମ୍ବନ୍ଧରେ ଉଭୟ ଓଡିଆ ଓ ଇଂରାଜୀରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ବକ୍ତୃତା ପ୍ରତିଯୋଗିତା ସରିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ




ଜିଲ୍ଲାପାଳ ସୁଧାକର ନାଏକ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଅତିଥିମାନଙ୍କର ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଭୁବନେଶ୍ୱରରୁ ଆସିଥିବା ତାଲିମଦାତା ରଶ୍ମି ରଞ୍ଜନ ରାଉତ, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ବରିଷ୍ଠ କବି ତଥା ସମାଜସେବୀ ପ୍ରଶାନ୍ତ ଦାସ ପ୍ରମୁଖ ମଂଚାସୀନ ଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ମହୋଦୟ ସୂଚନା ଅଧିକାର ଅଧିନିୟମର ଉଦ୍ଦେଶ୍ୟ, ଉପକାରିତା ଓ ଅପବ୍ୟବହାର ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ତାପରେ ସୂଚନା ଅଧିକାର ଅଧିନିୟମର ତାଲିମ ଦାତା ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ମୋଟ ୧୧୯ ଜଣ ଋଇଇ, ଚଓଙ ଏବଂ ଇଚଓଙ ଅଧିକାରୀମାନଙ୍କୁ ସୂଚନା ଅଧିକାର ଅଧିନିୟମ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ଉଭୟ ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ଆର୍ଥିକ ରାଶିରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଦ୍ଧାନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଷିକାନ୍ତ ମହାନ୍ତ, ସତ୍ୟ ସାଗର ମଣ୍ଡଳ, ହରିଶଙ୍କର ପ୍ରଧାନ, ପୁରୁଷୋତମ ସେଠୀ, କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ଦାବି ନେଇ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.): ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ ସହ ବିଭିନ୍ନ ଦାବି ନେଇ ଏକ ବିକ୍ଷୋଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶେଷ କରି ସମ୍ବିଧାନର ୯୩ତମ ସଂଶୋଧନ ଅନୁଯାୟି ରାଜ୍ୟରେ ଆଇନ ଅଣାଯାଇ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଏସସିଏସଟି ଓ ଓବିସି ବର୍ଗର ବାଳକ ବାଳିକାମାନଙ୍କୁ ସଂରକ୍ଷଣର ସୁବିଧା ପ୍ରଦାନ କରାଯାଉ,ଓଆରଭି ଆକ୍ଟ ଅନୁସାରେ ରାଜ୍ୟର ସମସ୍ତ ଏସସି ଏସଟି ବର୍ଗର ସରକାରୀ ଚାକିରିଆମାନଙ୍କୁ ପ୍ରମୋଶନ ଦିଆଯାଉ,ଦଳିତ କିମ୍ବା



ଆଦିବାସୀମାନଙ୍କ ଉପରେ ନିର୍ଯ୍ୟାତନା ହେଲେ ତାହାର ତଦନ୍ତ ଭାର ଅତିକମରେ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଉ,ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଅନୁଯାୟୀ ଗ୍ରାମ ପଂଚାୟତ ଗୁଡିକୁ ୨୯ଟି ବିଭାଗ ଏବଂ ନଗର ପଂଚାୟତ ଗୁଡିକୁ ୧୮ଟି ବିଭାଗରେ କ୍ଷମତା ହସ୍ତାନ୍ତର କରାଯାଉ,ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମକୁ ପୁର୍ନବାର ଲାଗୁ କରାଯିବା ଲାଗି ଓଡ଼ିଶା ବିଧାନସଭାେ ଏକ ପ୍ରସ୍ତାବ ପାର କରାଇ କେନ୍ଦ୍ର ସରକାରଙ୍କ ନିକଟକୁ ତୁରନ୍ତ ପଠାଯାଉ,ପଞ୍ଜାବ,କର୍ଣ୍ଣାଟକ, ତେଲେଙ୍ଗାନା,ଝାରଖଣ୍ଡ,ହିମାଚଳ ପ୍ରଦେଶ ଆଦି ରାଜ୍ୟ ଭଳି ଓଡ଼ିଶାର ସମସ୍ତ ବିଜୁଳି ଉପଭୋକ୍ତାମାନଙ୍କୁ ୩ଶହ ୟୁନିଟ ବିଜୁଳି ମାଗଣାରେ ଦିଆଯିବା ସହ କୃଷି କାର୍ଯ୍ୟ ପାଇଁ ସମସ୍ତ କୃଷକମାନଙ୍କୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଉ,ଷୋଡଶୀ ରାଜ୍ୟମାନଙ୍କ ପରି ଓଡ଼ିଶାରେ ମଧ ବାର୍ଦ୍ଧକ୍ୟ,ବିଧବା ଭତା ଅତିକମରେ ଦୁଇହଜାର ଟଙ୍କା ଏବଂ ଦିବ୍ୟାଙ୍ଗ ଭତା ଅତିକମରେ ମାସିକ ୪ହଜାର ୫ଶହ ଟଙ୍କା କରାଯାଉ,ବାଲେଶ୍ୱର ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଭୂମିହୀନମାନଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଓ ଜାତି ପ୍ରମାଣ ପତ୍ର ତୁରନ୍ତ ପ୍ରଦାନ କରାଯିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସରୋଜ ଲେଙ୍କା,ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ମାନସ କୁମର ମଲିକ,ଆଦିବାସୀ ନେତା ମଙ୍ଗ ସିଂ,ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଜେନା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ବିଧାନ ଜେନାଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।

# ସମାଜସେବୀ ହରିହର ନନ୍ଦଙ୍କ ପୁଣ୍ୟ ତିଥିରେ ରକ୍ତଦାନ, ୧୦୨ ୟୁନିଟ ସଂଗ୍ରହ

ବାଲେଶ୍ୱର, (ନି.ପ୍ର.) ବିଶିଷ୍ଟ ସମାଜସେବୀ, ପ୍ରଖର ରାଷ୍ଟ୍ରବାଦୀ, ଚିନ୍ତା ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଥମ ଓଡ଼ିଆ ପ୍ରଚାରକ ତଥା

ଲେଖକ ହରିହର ନନ୍ଦଙ୍କ ପୁଣ୍ୟ ତିଥିରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି, ବାଲେଶ୍ୱର ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ସମିତିର ଅଧକ୍ଷ ଗୋପାଳ ଖଣ୍ଡେଲୱାଲ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମିତିର ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ, ଉପଦେଷ୍ଟା ରଘୁନାଥ ପାତ୍ର, ବାଲେଶ୍ୱର ବ୍ଲଡବ୍ୟାଙ୍କର ଡା.ବସନ୍ତ ଉପାଧ୍ୟାୟ, ନଗର ସଙ୍ଘଚାଳକ ଗୋପାଳଚନ୍ଦ୍ର ନାୟକ, ଜିଲ୍ଲା ସେବା ପ୍ରମୁଖ ହେମନ୍ତ ମହାନ୍ତି,



ନଗର ସେବା ପ୍ରମୁଖ ହୃଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର ଜିଲ୍ଲା ବାଳିଆପାଟିରେ ଜନ୍ମଗ୍ରହଣ କରି କଲିକତାରୁ ଉଚ୍ଚଶିକ୍ଷା ଗ୍ରହଣ ପରେ ରାଷ୍ଟ୍ରସେବା ପାଇଁ ସମ୍ପୂର୍ଣ୍ଣ ଜୀବନ ଲଗାଇଦେଇଥିଲେ । ପରିଣତ ବୟସରେ ମଧ ନିଜ ଲେଖନୀ ମାଧ୍ୟମରେ ଦେଶାତ୍ମବୋଧକ ଲେଖା ଓ କବିତା ଦ୍ୱାରା ଭାରତ ମାତାଙ୍କର ସେବା କରିଆସୁଥିଲେ । ଅତିଥିମାନେ ସ୍ୱର୍ଗତ ନନ୍ଦଙ୍କ ତ୍ୟାଗପୁତ ଜୀବନ ଏବଂ ସମାଜସେବା ପାଇଁ ଉତ୍ସର୍ଗୀକୃତ ମନୋଭାବ ଉପରେ ମତ ରଖିବା ସହ ବର୍ତମାନର ଯୁବପିଢିଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଶିବିରରେ ମୋଟ ୧୦୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସମିତିର କର୍ମକର୍ତା ସହଯୋଗ କରିଥିଲେ । ବାଲେଶ୍ୱର ଜିଲ୍ଲା ବ୍ଲଡ ବ୍ୟାଙ୍କର ୬ ଜଣ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ସାହୁ, ଶିବବ୍ରତ ମହାପାତ୍ର, ରାଜକିଶୋର ପ୍ରାମାଣିକ, ଅଙ୍କୁଶ ପଣ୍ଡା, ନନ୍ଦକିଶୋର ରଣା ସହଯୋଗ କରିଥିଲେ ।

# ଚିନ୍ମୟ ମିଶନ ବାଲେଶ୍ୱର ପକ୍ଷରୁ ଜ୍ଞାନ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର(ନି.ପ୍ର.): ଚିନ୍ମୟ ମିଶନ ବାଲେଶ୍ୱରର କୁରୁଡ଼ାସ୍ଥିତ ନିଜସ୍ୱ ଆଶ୍ରମରେ ଏକ ଜରୁରୀକାଳୀନ ବୈଠକ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମିଶନର ସାଧାରଣ ସମ୍ପାଦକ ଶ୍ରୀ ଦିବାକର ମହାପାତ୍ର ବାଲେଶ୍ୱରବାସୀଙ୍କ ଅକୁଣ୍ଠ ସହଯୋଗରେ ଗଢ଼ିଉଠିଥିବା ଚିନ୍ମୟ ମିଶନ ଆଶ୍ରମର ଶୁଭ ପ୍ରତିଷ୍ଠା ଆସନ୍ତା ତା ୧୧-୦୩-୨୦୨୬ରିଖରେ ହେବ ବୋଲି ପ୍ରକାଶ କରିଥିଲେ । ମିଶନର ଆଚାର୍ଯ୍ୟ ଅଗସ୍ତ୍ୟ ଚୈତନ୍ୟ ତା ୧୨-୦୩-୨୬ରୁ ତା ୧୬-୦୩-୨୬ ରିଖ ସନ୍ଧ୍ୟା ୬.୩୦ରୁ ୮ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟହ ସ୍ୱାମିନୀ ଆତ୍ମିକା ନନ୍ଦ ସରସ୍ୱତୀ, ଆଚାର୍ଯ୍ୟା ଚିନ୍ମୟ ମିଶନ ଅନୁଗୁଳ 'ଶ୍ରୀରାମଚରିତ ମାନସ' ଉପରେ ପ୍ରବଚନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ଚିନ୍ମୟ ମିଶନ ବାରିପଦା, ସ୍ୱାମୀ ସଦାଶିବାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ଚିନ୍ମୟ ମିଶନ ବରହମପୁର, ସ୍ୱାମୀ ଓମ୍‌କାରାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ଚିନ୍ମୟ ମିଶନ ଜଗତପୁର, ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ଆଚାର୍ଯ୍ୟ ଚିନ୍ମୟ ମିଶନ ଉଦଳା ଓ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଆଚାର୍ଯ୍ୟ ଚିନ୍ମୟ ମିଶନ ଦେଉଳଡିହା ପ୍ରମୁଖ ପ୍ରବଚନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି କହିଥିଲେ । କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ହରିଶଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ରବି ନାରାୟଣ ଭୋଳ, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ୍, ଉଦୟ ନାରାୟଣ ଦାସ, ଡ. ବେଣୁ ମାଧବ ଶତପଥୀ, ବିଜୟ କୁମାର ଦାସ ଅଧିକାରୀ ପ୍ରମୁଖ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ବାଲେଶ୍ୱର ଗସ୍ତ ଓ ସମୀକ୍ଷା ବୈଠକ

ବାଲେଶ୍ୱର,(ନି.ପ୍ର.) ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବାଲେଶ୍ୱର ଗସ୍ତରେ ଆସି ଚାନ୍ଦିପୁର ସ୍ଥିତ ପ୍ରୁଫ୍ ଆଣ୍ଡ୍ ଏକ୍ସପେରିମେ[ାଲ ଏଷ୍ଟାବ୍ଲିସମେ[ (ପିଏକ୍ସଇ) ପରିସରରେ ଡିଆରଡିଓ ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମକୁ ଡିଆରଡିଓ ସଚିବ ଡଃ ସମୀର ଭି. କାମତଙ୍କ ସହ ଯୁଗ୍ମ ଭାବେ ଉଦଘାଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଡିଆରଡିଓର ବିଭିନ୍ନ ଲ୍ୟାବରେଟରିର ନିର୍ଦ୍ଦେଶକ ଓ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ । ଅତିଥିମାନେ ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଗବେଷଣାତ୍ମକ କାର୍ଯ୍ୟକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅପରାହ୍ନରେ ଶ୍ରୀମତୀ ଗର୍ଗ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ ।




ବୈଠକରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ 'ବାଲେଶ୍ୱର ଭିଜନ ଡକ୍ୟୁମେ[' ଉପରେ ଏକ ପ୍ରେଜେ[ସେନ୍ ଦେଇଥିଲେ । ଏଥିରେ ଜିଲ୍ଲାରେ ଚାଲୁଥିବା ପ୍ରମୁଖ ପ୍ରକଳ୍ପ ଯଥା: ସୁବର୍ଣ୍ଣରେଖା ବନ୍ଦର, ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ପର୍ଯ୍ୟଟନ ପ୍ରକଳ୍ପ, ସାମୁଦ୍ରିକ ଖାଦ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ରପ୍ତାନି ସମ୍ଭାବନା ବିଷୟରେ ଅବଗତ କରାଯାଇଥିଲା । ଏହାସହିତ ଆଗାମୀ ଦିନରେ ବାଲେଶ୍ୱରର ସମଗ୍ର ଉନ୍ନତି ପାଇଁ ରିଙ୍ଗ୍ ରୋଡ ନିର୍ମାଣ, କଳା–ବିଜ୍ଞାନ–ସାହିତ୍ୟ ସମ୍ବନ୍ଧୀୟ ମ୍ୟୁଜିୟମ ସ୍ଥାପନ ଏବଂ ବାଲେଶ୍ୱରକୁ ମ୍ୟୁନିସିପାଲ କର୍ପୋରେସନ ରୂପେ ବିକଶିତ କରିବା ପରି ବିଭିନ୍ନ ଲୋକହିତକର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଉକ୍ତ ସମୀକ୍ଷା ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ, ଦୁଇ ଉପ ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ଏହି ପ୍ରକଳ୍ପଗୁଡ଼ିକୁ ନିଧାର୍ଯ୍ୟ ସମୟ ମଧରେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ନରହରିପୁର ଧାନମଣ୍ଡିର ଶୁଭ ଭିତିପ୍ରସ୍ତର ସ୍ଥାପନ

ବାଲେଶ୍ୱର(ନି.ପ୍ର.) ରେମୁଣା ଏନଏସି ଅନ୍ତର୍ଗତ ନରହରିପୁର ଧାନମଣ୍ଡିର ଶୁଭ ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୬୪.୬୫ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ଏହି ଧାନମଣ୍ଡିର ଭିତିପ୍ରସ୍ତର ରଖିଥିଲେ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ । ଏଭଳି ଧାନମଣ୍ଡି ଚାଷୀଙ୍କ ଉପକାରରେ ଲାଗିପାରିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଏହି ଅବସରରେ କାଉନସିଲର



ହେମବତୀ ବେହେରା, ନରହରିପୁର ସେବା ସମବାୟ ସମିତି ସମ୍ପାଦକ ଚନ୍ଦନ ଶିବରାମ ପଣ୍ଡା, ସାଂସଦଙ୍କ ପ୍ରତିନିଧି ମହେଶ୍ୱର ପ୍ରଧାନ, ଦଳର ଏନଏସି ସଭାପତି ମାୟାଧର ପ୍ରଧାନ, ଉପସଭାପତି ଆଇନଜୀବୀ ସରୋଜ କୁମାର ବେହେରା, ଅନନ୍ତ ସାହୁ, ଏନଏସି ମଣ୍ଡଳ ସାଧାରଣ ସଭାପତି କାହ୍ନୁ ଚରଣ ବେହେରା, ଗୌରଗୋପାଳ ସାହୁ, ଜୟନ୍ତ କୁମାର ପଣ୍ଡା, ଏନଏସି ମହିଳା ସଭାପତି ଚନ୍ଦ୍ରକାନ୍ତି ପ୍ରଧାନଙ୍କ ସମେତ ଝାନସି ପଣ୍ଡା, ଜୟନ୍ତୀ ପାତ୍ର, କନକଲତା ଦାସ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଆଉ ନାହାଁନ୍ତି ରାଜେନ୍ଦ୍ର ଦାସ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହରର ଗରିବ ଗୁରୁବା, ଅସହାୟ ଓ ଦୀନଦରିଦ୍ରଙ୍କ ଅସ୍ଥିଶଲ୍ୟ ସହାୟକ ଚିକିତ୍ସକ ତଥା ଗୋପାଳଗାଁ ଅଂଚଳର ସମାଜସେବୀ ରାଜେନ୍ଦ୍ର ଦାସଙ୍କର ଦେହାନ୍ତ ହୋଇଯାଇଛି । ୧୦ ତାରିଖ ମଧ୍ୟାହ୍ନରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବା ଏବଂ ଗୋପାଳଗାଁ ବାସଭବନରୁ ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଡାକ୍ତର ଘୋଷଣା କରିଥିଲେ । ଖବରରୁ ପ୍ରକାଶଯେ, ୫୭ବର୍ଷ ବୟସରେ ଜଣେ ଗୁଣାତ୍ମକ ହାଡ଼ଭଙ୍ଗା ଚିକିତ୍ସକ ଭାବେ ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ସେ । ତାଙ୍କ ବିୟୋଗରେ ତମାମ



ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା ବେଳେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମର ଶରୀରକୁ ଦର୍ଶନ ପାଇଁ ଉଜ୍ୱଳ ଚନ୍ଦ୍ର କର, ସନ୍ଦୀପ୍ତ ଦାସ, ସୁଶୀଳ ଜେନା, ସୁଶାନ୍ତ ଦାସ, ଗଗନ ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଭାଷାପକ୍ଷର ତ୍ରୟୋଦଶ ସନ୍ଧ୍ୟାରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷ ଆୟୋଜିତ

ବାଲେଶ୍ୱର(ନି.ପ୍ର.): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଓ କୁଟୀର ପୁସ୍ତକମେଳାର ତ୍ରୟୋଦଶ ଦିବସ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କୁ ସମର୍ପିତ ସାହିତ୍ୟ ସନ୍ଧ୍ୟା ଭାବେ ଅନୁଷ୍ଠିତ ହୋଇଯାଇଛି ।ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ନାୟଙ୍କ ଏଥିରେ ଅଧକ୍ଷତା କରିଥିଲେ । ଯୁବଗାଳ୍ପିକ ସଂଜୟ ପଣ୍ଡା ଓ ଆଲୋଚିକା ଭାବେ ବିଦ୍ୟୁତପ୍ରଭା ପତି ଯୋଗ ଦେଇ ଗାଳ୍ପିକ ଶ୍ରୀ ବିଶ୍ୱାଳଙ୍କ କଥାସାହିତ୍ୟ ସଂପର୍କରେ ଆଲୋଚନା କରି ଜୀବନ ପ୍ରତି ଗଭୀର ଦୃଷ୍ଟିଭଙ୍ଗୀ, ସ୍ଥିତିବାଦୀ ମାନବର ମନସ୍ତତ୍ୱ, ଚରିତ୍ରମାନଙ୍କର



ମାନସିକ ଦ୍ୱନ୍ଦ୍ୱ ଗଙ୍ଗାଧରଙ୍କ କଥାଜଗତର ଅନ୍ତଃସ୍ୱର ବୋଲି ମତବ୍ୟକ୍ତ କରିଥିଲେ । ଗାଳ୍ପିକ ଶ୍ରୀ ବିଶ୍ୱାଳ ତାଙ୍କର ଦୀର୍ଘ ସାରସ୍ୱତ ଯାତ୍ରା ସଂପର୍କରେ ନିଜକଥା ରଖିଥିଲେ । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ (ଓବିବିଏ)ର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କଲ୍ୟାଣୀ ନନ୍ଦ ଶ୍ରୀ ବିଶ୍ୱାଳଙ୍କ ସଂପର୍କରେ ସଙ୍ଗୀତ ଗାନ କରିଥିଲେ । ଡକ୍ଟର ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଂଚ ଆବାହନ କରିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି 'ଭାଷାପକ୍ଷ'ର ଚତୁର୍ଦ୍ଦଶ ଦିବସରେ ସୁଶ୍ରୀ ଅରୁଣା ରାୟଙ୍କ ପୌରୋହିତ୍ୟରେ ଯୁବ ଗବେଷକ ପୀତାମ୍ବର ବେହେରା, ଅନିଶା ନାୟକ ଓ ବିଦ୍ୟୁତପ୍ରଭା ପତି 'ସାଂପ୍ରତିକ ଗଳ୍ପର ସ୍ୱର ଓ ସ୍ୱାକ୍ଷର' ଶୀର୍ଷକରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମଧ ଆଲୋଚନାରେ ଭାଗ ନେଇଥିଲେ । ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୁନାଇଟେଡ୍ ପବ୍ଲିକ୍ ସ୍କୁଲ୍‌ର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସହର ଉପକଣ୍ଠ କାଳିଦାସପୁରସ୍ଥିତ ୟୁନାଇଟେଡ୍ ପବ୍ଲିକ୍ ସ୍କୁଲ୍‌ର ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ଅତିଥି ଚାନ୍ଦିପୁର ସ୍ଥିତ ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରୀ ରାୟ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ସାହିତ୍ୟିକ ଡକ୍ଟର କାଳିପଦ ପଣ୍ଡା, ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷାନୁଷ୍ଠାନମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହ ନୈତିକତା ଓ ସାମାଜିକ ମୂଲ୍ୟବୋଧ ସହ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ଆବଶ୍ୟକୀୟ ଶିକ୍ଷା ଦେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍କୁଲ୍‌ର ନିର୍ଦ୍ଦେଶକ ତଥା ଏନ୍‌ସିଡବ୍ଲ୍ୟୁଏସ୍‌ର ସମ୍ପାଦକ ଶଦ୍ରକ କୁମାର ଦାସ ଉତ୍ସବରେ ସ୍ୱାଗତ ଅଭିଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସ୍କୁଲ୍‌ର ଅଧକ୍ଷା ସୁରଭିଲତା କର୍ଟିସ୍ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ପଦ୍ମଲୋଚନ ଆଶ୍, ବର୍ଷା ପଣ୍ଡା, ତପସ୍ୱିନୀ ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ସଭା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ମନିଷା କୁମାରୀ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପ୍ରଭାସିନୀ ଶତପଥୀ, ତୃପ୍ତି ମିଶ୍ର, ହର୍ଷିତା ମହାନ୍ତି, ଅର୍ଚ୍ଚନା ରାଉତ, ରିୟା ମଲ୍ଲିକ, ନୟନା ପାତ୍ର, ପ୍ରିୟଙ୍କା ଯାଦବ, ସୁଶ୍ରୀସଙ୍ଗୀତା ମହାନ୍ତି, କାବେରୀ କର, ଶିବାଶିଷ ସାହୁ, ଅଭିଷେକ ଦାସ, ପଦ୍ମଲୋଚନ ସିଂହ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ ଦୀପୁ ସିଂ, ମାନୀ ସିଂ, ସୁମି ହେମରମ, ଟୁକୁଲୁ ସିଂ, ବିଶ୍ୱନାଥ ସୋରେନ ପ୍ରମୁଖ କର୍ମଚାରୀ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ ।



# ଜଗତସିଂହପୁର ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କ ପୁରୀ ଅଭିମୁଖେ ତୀର୍ଥଯାତ୍ରା



ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲାରୁ ୧୪୮ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଅଛନ୍ତି । ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ନିକଟରୁ ଓ.ଏସ.ଆର.ଟି.ସିର ୪ ଗୋଟି ଭୋଲଭୋ ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସମ୍ମାନନୀୟ ଅତିଥି ଭାବେ , ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ଜଗତସିଂହପୁର ପୌରପରିଷଦ ଏବଂ ଶ୍ରୀ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ପ୍ରମୁଖ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ କୁଞ୍ଜ ବିହାରୀ ପ୍ରଧାନ, ତପନ କୁମାର ମହାନ୍ତି, ଚନ୍ଦନ କୁମାର ସ୍ୱାଇଁ ଓ ଗଣେଶ୍ୱର ଜେନା ଗସ୍ତ କରିଛନ୍ତି । ସକାଳେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମୀରାବାଈ ବେହେରା, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ଶ୍ରୀ ସୁଦାମ ପ୍ରଧାନ, ଜିଲ୍ଲା ପରିଚାଳକ, ଓ.ଏସ.ଆର.ଟି.ସିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପୌର ପରିଷଦ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରଟିଚୀ ତନୟା ମହାନ୍ତି ,ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼(ନିପ୍ର): ପଠାଣି ସାମନ୍ତ ସଂସ୍କୃତି ଭବନ, ନୟାଗଡ ଠାରେ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମେ ସକାଳ ୦୭.୦୦ ଘଟିକା ସମୟରେ ସଂସ୍କୃତି ଭବନ ଠାରେ ଏକ ଯୋଗ ଶିବିର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିମାନଙ୍କୁ ଉତମ ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସମ୍ୟକ ଧାରଣ ଦିଆଯାଇଥିଲା । ଏଥି ଏଥି ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ଉପସ୍ଥିତିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯାଇଥିଲା । ଏହି ସଭା ଅଭିପ୍ରାୟେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସର୍ବେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସୁସଂଗଠିତ ସଭାର ଆୟୋଜନ କରଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ମଧୁମିତା ରଥ, ଜିଲ୍ଲାପାଳ, ନୟାଗଡ ନିଜର ବକ୍ତବ୍ୟରେ ବୟସ୍କ ବ୍ୟକ୍ତିମାନଙ୍କୁ ସାମାଜିକ ମୂଲ୍ୟବୋଧ, ସରକାରଙ୍କ ଯୋଜନା ଓ ଶାରୀରିକ ସୁସ୍ଥତା ସମ୍ପର୍କରେ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ନୟାଗଡ ରୋଜିନା ଦାସ ମଧ୍ୟ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ । ସଭାରେ ପରମାନନ୍ଦ ଦଳେଇ, ଓଓଉ ଇଟାମାଟି ମଙ୍ଗଭରଙ୍କ ସୁରକ୍ଷା ଓ ଶ୍ରୀଯୁକ୍ତ ଅଶୋକ ସାହୁ, ଆର୍ଥିକ ସାକ୍ଷରତା ବିଷୟରେ ବୟସ୍କ ବ୍ୟକ୍ତିମାନଙ୍କୁ ବୁଝା ଯାଇଥିଲେ । ଏଥି ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ନିଷ୍ଟ ବିଭିନ୍ନ ଆଇନ ବିଷୟରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଉକ୍ତ ସଭାରେ ଉପଖଣ୍ଡ ସାମାଜିକ ସୁଚ ସୁରକ୍ଷା ଅଧିକାରୀ, ନୟାଗଡ ଶ୍ରୀ କାମଦେବ ନାୟକ ସଭା ସଂଚାଳନର ଦାୟିତ୍ୱ ତୁଲାଇ ଉପସ୍ଥିତ ସମସ୍ତ ସଦସ୍ୟ ଓ ସାମ୍ବ ସାମ୍ବାଦିକ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସମାପନ କରିଥିଲେ । ନୟାଗଡ ଜିଲ୍ଲା ଓ ପଂଚାୟତ ସମିତିର ଚିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଇନର୍ ହ୍ୱିଲ୍ କ୍ଲବ୍ ଅଫ୍ କଟକ ସେଂଟ୍ରାଲ୍‌ରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନଙ୍କ ଅଫିସିଆଲ୍ ଭିଜିଟ୍

କଟକ(ନିପ୍ର): ଇନର୍ ହ୍ୱିଲ୍ କ୍ଲବ୍ ଅଫ୍ କଟକ ସେଂଟ୍ରାଲ୍ ଆୟୋଜନରେ କଟକ କ୍ଲବ୍ ଆନେକ୍ସ-୧ ରେ ଡିଷ୍ଟ୍ରିକ୍ଟ ଚେୟାର ମ୍ୟାନ ମଧୁସ୍ମିତା ତ୍ରିପାଠୀଙ୍କ ଅଫିସିଆଲ୍ ଭିଜିଟ୍ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମର ଆରମ୍ଭରେ ପି.ପି. ମଞ୍ଜୁ ନାୟକଙ୍କ ଦ୍ୱାରା ମାନ୍ୟବର ଡିଷ୍ଟ୍ରିକ୍ଟ ଚେୟାର ମ୍ୟାନଙ୍କୁ ମଂଚକୁ ଆମନ୍ତ୍ରଣ କରାଯାଇଥିଲା । ପରେ କ୍ଲବ୍ ସଚିବଙ୍କ ଦ୍ୱାରା କ୍ଲବ୍ ପ୍ରେସିଡେଂଟଙ୍କୁ ଏବଂ ପି.ଡି.ସି.ଙ୍କ ଦ୍ୱାରା ଡିଷ୍ଟ୍ରିକ୍ଟ ଚେୟାରମ୍ୟାନଙ୍କୁ ସମ୍ମାନ ସୂଚକ କଲାର ପରିଧାନ କରାଯାଇ ଥିଲା । କ୍ଲବ୍ ପ୍ରେସିଡେଂଟ ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭାର ଔପଚାରିକ ଆରମ୍ଭ ହୋଇଥିଲା । ତା'ପରେ ଦୀପ ପ୍ରଜ୍ୱଳନ ଓ ମମତା ପ୍ରିୟଦର୍ଶିନୀଙ୍କ ଦ୍ୱାରା ମଙ୍ଗଳା ଚରଣ ପାଠ କରାଯାଇ ଥିଲା । ଏହାପରେ ଇନର୍ ହ୍ୱିଲ୍ ପ୍ରାର୍ଥନା ଓ କ୍ଲବ୍ ପ୍ରେସିଡେଂଟଙ୍କ ସ୍ୱାଗତ ଭାଷଣ ହୋଇଥିଲା । କ୍ଲବ୍ ପକ୍ଷରୁ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । କ୍ଲବ୍ ସଚିବଙ୍କ ଦ୍ୱାରା ସଚିବୀୟ ପ୍ରତିବେଦନ ପ୍ରସ୍ତୁତ କରାଯାଇଥିଲା ଏବଂ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ ଓ ଔପଚାରିକ ଭାବେ ଅଭିଷିକ୍ତ କରାଯାଇ ଥିଲା । ଏହି ଅବସରରେ ଡିଷ୍ଟ୍ରିକ୍ଟ ଚେୟାର ମ୍ୟାନଙ୍କ ଦ୍ୱାରା କ୍ଲବ୍ ବୁଲେଟିନ୍ ମୁକ୍ତିଲାଭ ହୋଇଥିଲା । କାର୍ଯ୍ୟକ୍ରମରେ କ୍ଲବ୍‌ର ବିଭିନ୍ନ ପ୍ରକଳ୍ପ ଉପସ୍ଥାପିତ କରାଯାଇ ଥିଲା । ଭିଡିଓ ପ୍ରଦର୍ଶନ ମାଧ୍ୟମରେ ଡିଷ୍ଟ୍ରିକ୍ଟ ଚେୟାର ମ୍ୟାନଙ୍କ ପରିଚୟ ଦିଆଯାଇ ଥିଲା । ପରେ ସଦସ୍ୟମାନଙ୍କ ସ୍ୱୟଂ ପରିଚୟ ହୋଇଥିଲା ଓ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନଙ୍କ ଦ୍ୱାରା ପ୍ରେରଣା ଦାୟକ ଉଦ୍ବୋଧନ ପ୍ରଦାନ କରାଯାଇଥିଲା । ଶେଷରେ କ୍ଲବ୍ ପ୍ରେସିଡେଂଟଙ୍କ ଦ୍ୱାରା ଡିଷ୍ଟ୍ରିକ୍ଟ ଚେୟାର ମ୍ୟାନଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । କ୍ଲବ୍ ସଦସ୍ୟମାନଙ୍କ ପକ୍ଷରୁ ପ୍ରେସିଡେଂଟଙ୍କୁ ସମ୍ମାନିତ କରାଯାଇଥିଲା । ଉପାଧ୍ୟକ୍ଷଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ ପରେ ଜାତୀୟ ସଙ୍ଗୀତ ଗାୟନ ସହିତ ସଭା ସମାପ୍ତ ହୋଇଥିଲା ।

# ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ର ଦ୍ୱିତୀୟ ଦିବସରେ ଯୋଗ ପାଳିତ



ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲାରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳନ ଉପଲକ୍ଷେ ସମାରୋହର ଦ୍ୱିତୀୟ ଦିବସରେ ଆତ୍ମରକ୍ଷା, ଯୋଗ ଓ ଶାରୀରିକ ବ୍ୟାୟାମ ଉପରେ ପ୍ରଶିକ୍ଷଣ ଓ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଶିବିରରେ ୩୯୧ ଜଣ ବାଳିକା ଓ ମହିଳା ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ମଧ୍ୟ ଯୋଗଦାନ କରିଥିଲେ । ଯୋଗଗୁରୁ ଶଶୀ ଭୂଷଣ ପାଣିଗ୍ରାହୀ ସମସ୍ତଙ୍କୁ ଯୋଗାଭ୍ୟାସ କରାଇ ଥିବାବେଳେ ଦେବବ୍ରତ ସାହୁ ଶାରୀରିକ ବ୍ୟାୟାମ ଅଭ୍ୟାସ କରାଇ ଥିଲେ । ଏହାସହ ନିରୂପମା ପଟେଲ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ସୁସ୍ଥ ରହିବା ପାଇଁ ନିୟମିତ ଯୋଗ, ପ୍ରାଣାୟାମ, ଶାରୀରିକ ବ୍ୟାୟାମ ଓ ଖେଳକୁଦ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଶିବିର ପରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଏହି ଷ୍ଟାଡିୟମରେ ଅଙ୍ଗନବାଡ଼ି କର୍ମଚାରୀମାନଙ୍କ ମଧ୍ୟରେ ଏକ ବ୍ୟାଡମିଂଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# କ୍ଷେପଣାସ୍ତ୍ର ଘାଟି ବିରୋଧି ଐତିହାସିକ କାଳିପଦା ଗେଟ ପ୍ରତିଷ୍ଠାର ଚାଳିଶ ବର୍ଷ ପୂର୍ତିର ସ୍ମୃତି ସଭା ଅନୁଷ୍ଠିତ



ବାଲିଆପାଳ(ନିପ୍ର): ମଙ୍ଗଳାବର ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ସ୍ମାରକୀ ମଂଚ ଓ କାଳିପଦା ବଜାର କମିଟି ପକ୍ଷରୁ କାଳିପଦା ବଜାର ନିକଟରେ ଥିବା ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ଆନ୍ଦୋଳନର ମୁଖ୍ୟ ପୁରୁଧା ଜନନାୟକ,ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ପ୍ରତିମୂର୍ତି ନିକଟରେ କ୍ଷେପଣାସ୍ତ୍ର ଘାଟି ବିରୁଦ୍ଧରେ ଐତିହାସିକ କାଳିପଦା ଗେଟ ପ୍ରତିଷ୍ଠାର ଚାଳିଶ ବର୍ଷ ପୂର୍ତି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ଗଦାଧର ଗିରିଙ୍କ ପ୍ରତିମୂର୍ତିନିକଟରେ ଚାଳିଶଟି ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କଙ୍କଡାପାଳ ଠାରୁ କୋଷ୍ଟକେନାଲ ଦେଇ କଳିଙ୍ଗ ସାଗର ଶସ୍ୟ ଶ୍ୟାମଳା ଅଂଚଳକୁ ସ୍ୱତନ୍ତ୍ର ସଂରକ୍ଷିତ କୃଷି ଭିତିକ ଅଂଚଳ (ଏସ ଆର ଏ ଜେଡ) ଘୋଷଣା କରିବାକୁ ଦାବି କରିଥିଲେ । ଏହି ଅବସରରେ ବିଜୟୀ ବାଲିଆପାଳ ଜନ ଆନ୍ଦୋଳନର ସ୍ମାରକୀ ମଂଚର ଆବାହକ ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାଳିପଦା ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ, ବାଲିଆପାଳ ସୂଚନା ଅଧିକା ଅଭିଯାନର ଆବାହକ ଅନୁଜ କୁମାର ମହାପାତ୍ର, ସଦସ୍ୟ ତପନ ନାୟକ, କୁଶଧ୍ୱଜ ଜେନା, ମୃତ୍ୟୁଞ୍ଜୟ ରାଉତ,ଶଶାଙ୍କ ଶେଖର ଜେନା, ଅଜୟ ଜେନା, ପୂର୍ଣ୍ଣଚନ୍ଦ୍ର ଚଣ୍ଡ, ଚିତରଞ୍ଜନ ଜେନା, କାର୍ତ୍ତିକ ମହାନ୍ତି, ନଳିନୀ ପାଢୀ, ସଞ୍ଜୟ ପଣ୍ଡା, ମନ୍ମଥ ସେଠୀ ପ୍ରମୁଖ ଯୋଗ ଦେଇ ବାଲିଆପାଳ ଘାଟି ଆନ୍ଦୋଳନର ସ୍ମୃତି ଚାରଣ କରି ବକ୍ତବ୍ୟ ପ୍ରଦାନ କରିବା ସହିତ କ୍ଷେପଣାସ୍ତ୍ର ଘାଟି ବିରୁଦ୍ଧରେ କାଳିପଦା ଠାରେ ପ୍ରତିଷ୍ଠାର ଐତିହାସିକ କାଳିପଦା ଗେଟର ଦ୍ୱାର କିପରି ଘାଟି ଆନ୍ଦୋଳନରେ ବିଜୟ ହାସଲ କରିଥିଲା ତର ସ୍ମୃତି ଚାରଣ କରିଥିଲେ ।

## ଟ୍ରେନ ସମ୍ମୁଖକୁ ଡେଇଁ ଶାଳୀ ଓ ଭିଣେଇଙ୍କ ଆତ୍ମହତ୍ୟା

ଜଳେଶ୍ୱର(ନିପ୍ର): ପ୍ରେମରେ ଅନ୍ଧ ହୋଇ ଶାଳୀ ଓ ଭିଣେଇଙ୍କ ସମ୍ପର୍କବହୁ ଆଗକୁଯିବା ନିଜ ପାଇଁ କାଳ ସାଜିଲା । ଶାଳୀକୁଧରିନିଜ ଘରକୁଆଣିବା ପରେ କୌଣସି କାରଣ ପାଇଁ ନିଜ ପତ୍ନୀ ଙ୍କ ସହ ଝଗଡା ହେବାରୁ ଶାଳୀ ନେଇ ଭିଣେଇ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କଲେ । ରେଳବାଇ ପୋଲିସ ଘଟଣା ସ୍ଥଳ ରୁ ଶବ ଦୁଇଟିକୁ ଜବତ କରି ବ୍ୟବଛେଦ ପାଇଁ ବାଲେଶ୍ୱର ପଠାଇଛି । ମୃତ ଭିଣୋଇ ଜଳେଶ୍ୱର ଥାନ ଅନ୍ତର୍ଗତ ରାଜପୁର ଗ୍ରାମ ରେ ହୋଇ ଥିବା ବେଳେ ସେ ଜଳେଶ୍ୱର ଷ୍ଟେସନ ବଜାର ରେ ଦୋକାନ କରିଛନ୍ତି । ଭିଣେଇ ବିଜୟ ସାହୁ ଓ ପ୍ରେମିକା ଶାଳୀ ବାଲିଆପାଳ ଅଂଚଳ ର ସଂଯୁକ୍ତା ସାହ । ଶାଳୀ ସଂଯୁକ୍ତା ୨ ମାସର ଗର୍ଭବତୀ ଥିବାର ଆଲୋଚନା ହେଉଛି । ଶବ ବ୍ୟବଛେଦ ପରେ ସବୁଜଣା ପଡିବ । ଶାଳୀ ଭିଣେଇ ଆତ୍ମହତ୍ୟା ଘଟଣା ଆଲୋଚନା ହେଉଛି ।

19001/73/2526

**OFFICE OF THE PANCHAYAT SAMITI, BASUDEVPUR**

At/Po: Basudevpur, Dist- Bhadrak Email:ori-basudevpur@nic.in

Letter No. 715 / Date: 09.03.2026

**Tender Call Notice - 01 / 2026 - 27**

1. Name of the work :- Construction of Additional Class Rooms
2. Total No of Project :- 08 Nos
3. Class of Contractor :- "C"&"D" Class
4. Period of Completion :- 6 Calender Months
5. Other Details :- As per DTCN

| Sl. No. | Procurement Officer | Availability of Tender on-line for bidding | | Last date of receipt of Bids | Date & time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 11.03.2026 | 04.04.2026 | 04.04.2026 1.30 PM | 04.04.2026 1.30 PM |

6. Further details can be seen from the website portal "https://www.bhadrak.odisha.gov.in
7. Any other changes/Corrigendum/Addendum may be seen only on website www.bhadrak.odisha.gov.nic.in

OIPR. 19001/19306/1/25-26/0001

Sd/-
Block Development Officer
Basudevpur

# ଗ୍ରୀଷ୍ମ ପ୍ରବାହ ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ-୨୦୨୬




ଖୁଂଟା(ନିପ୍ର): ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ଯୁଥ୍ ରେଡ୍ କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ, ମୟୂରଭଞ୍ଜ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ, ଭୁବନେଶ୍ୱର ସହଯୋଗରେ ଗ୍ରୀଷ୍ମ ପ୍ରବାହ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖୁଂଟା ଜୁନିଅର କଲେଜର ଯୁଥ ରେଡ଼କ୍ରସର କାଉନସିଲର ଡକ୍ଟର ସରୋଜିନୀ ବାସ୍କେ, ମୁଖ୍ୟ ବକ୍ତା ଭାବରେ ଖଂଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡକ୍ଟର ଜୟଦେବ ଖଣ୍ଡେଇ ଯୋଗ ଦେଇ ଗ୍ରୀଷ୍ମ ପ୍ରବାହରେ କିପରି ସତର୍କତା ଅବଲମ୍ବନ କରାଯାଇ ପାରିବ ଏବଂ ଜରୁରୀ କାଳୀନ ପରିସ୍ଥିତିରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗା ଯୋଗ କରାଇବା ନିମନ୍ତେ ଅବଗତ କରାଇଥିଲେ । ଏହାର ନିରାକରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଯଥା ଓ ଆର ଏସ୍ , ପାଣି, ଛତା, ଜୋତା ଏବଂ ମୁଣ୍ଡରେ ଓଦା ଗାମୁଛା ପକାଇବା ଉଚିତ ବୋଲି ସଚେତନ କରାଇଥିଲେ । ସମ୍ମାନନୀୟ ଅତିଥି ଭାବରେ ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ହିରଣ୍ମୟୀ ଶତପଥି ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ ।ଏହି କାର୍ଯ୍ୟକ୍ରମରେ କଲେଜର ଯୁଥ୍ ରେଡ୍ କ୍ରସ୍ ର କାଉନସିଲର ଗୋପା ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଶୁଭମ୍ ସାସମଲ ମଧ୍ୟ ଉପସ୍ଥିତ ରହିଥିଲେ । ଜାତୀୟ ସେବା ଯୋଜନାର ସହଯୋଗୀ ଅଧିକାରୀ ଡକ୍ଟର ସୁଷମା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଏହା ବ୍ୟତୀତ କଲେଜର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

7001/40/2526

Annexure-II

Office of District Manager
Odisha State Civil Supplies Corporation Ltd. (OSCSC)
Bhadrak (District)
Phone: 06784 251424
District Website : csobdk@gmail.com

Tender No. 1161 Dt. 10.03.2026

District Manager, Odisha State Civil Supplies Corporation Ltd, Bhadrak (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at the RRCs in the district of the State of Odisha |
| 2 | Availability of bid document in the portal | From 11.03. 2026 (Date) |
| 3 | Last Date / Time for receipt of bids in the portal | Dt 30.03.2026 up to 5.30 (PM). |
| 4 | Date/Time of Opening of Technical Bid | Dt 31.03.2026 up to 11.00 (AM). |
| 5 | Name and address of the Officer Inviting Tender | District Manager, OSCSC Ltd, Bhadrak (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR. 7001/7055/1/25-26/0002

Sd/-
District Manager
OSCSC Ltd. Bhadrak





**ସରଳତା ଓ ଗୋପନୀୟତା କେବେ ହେଲେ ବହୁକାଳ ଏକତ୍ର ରହି ପାରିବେ ନାହିଁ ।**

## ଆଜିକାଲି



ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ । ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ (ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ହେ ଧନଞ୍ଜୟ ! ତୁମେ ଆସକ୍ତି ତ୍ୟାଗ କରି କର୍ମ କର । ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖ ଯୋଗସ୍ଥ ହୋଇ କର୍ତ୍ତବ୍ୟ କର୍ମ କର । ଏହା ସମଜ୍ଞାନ । ଏହି ସମତ୍ୱକୁ ହିଁ ଯୋଗ କୁହାଯାଏ ।

# ବଢୁଛି ମହିଳା ହିଂସା

ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି । ଯାହା ସୂଚନା ମିଳୁଛି ୧୪ ମାସ ମଧ୍ୟରେ ୩୭ ହଜାର ୬ ଶହ ୧୯ଟି ମହିଳା ବିରୋଧୀ ହିଂସା ଘଟିଛି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହା ସ୍ୱୀକାର କରିଛନ୍ତି । ୩୭ ହଜାର ୬ ଶହ ୬୧ ମହିଳା ବିରୋଧୀ ହିଂସାରେ ୭ ହଜାର ୪ ଶହ ୭୫ ମାମଲାର ମଧ୍ୟ ବୃଦ୍ଧି ପାଉଛି । ୧୫ ମାସ ମଧ୍ୟରେ ୧୫ ଜଣ ଆତ୍ମାହୁତି ଉଦ୍ୟମ କରିଥିବା ନଜୀର ରହିଛି । ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର, ବ୍ରହ୍ମପୁରରେ ମାମଲା ରୁଜୁ କରାଯାଇଛି । ପାରିବାରିକ ସମସ୍ୟା ଯୋଗୁଁ ମହିଳା ବିରୋଧୀ ହିଂସା ବଢୁଛି ବୋଲି ଆଲୋଚନା ହେଉଛି । ସ୍ୱାମୀ- ସ୍ତ୍ରୀ ମଧ୍ୟରେ ଭୁଲ ବୁଝାମଣା, ଶାଶୂ-ଶ୍ୱଶୁର ଓ ବୋହୂ ମାନଙ୍କ ଅତ୍ୟାଚାର ଯେଉଁଭଳି ଭାବେ ଘଟୁଛି ବୋଲି ମନସ୍ତତ୍ତ୍ୱବିତ୍‌ମାନେ ମତ ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷରେ ସମଗ୍ର ରାଜ୍ୟରୁ ସରକାର ନକ୍ସଲ ନିପାତ ପାଇଁ ଆରମ୍ଭରୁ ସଂକଳ୍ପବଦ୍ଧ ହୋଇଛନ୍ତି । ଏ ଦିଗରେ ରାଜ୍ୟର ନକ୍ସଲ ଶୂନ୍ୟ ପାଇଁ ଅଧିକ ସତର୍କ ହେବା ଜରୁରୀ । ସ୍ୱଚ୍ଛ ଶାସନ, ସଂଗେ ସଂଗେ ନିଷ୍ପତି ଉପରେ ଅଧିକ ଅଗ୍ରାଧିକାର ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏପରିକି ପ୍ରଥମ ଥର ପାଇଁ କହିଛନ୍ତି ସମସ୍ତ ୱେବସାଇଟ ଗୁଡ଼ିକ ଏବେଠାରୁ ଓଡ଼ିଆ ଭାଷାରେ କରିବା ପାଇଁ ସେ କହିବା ସହ ରାଜ୍ୟବାସୀ ହିଂସା ସଂପର୍କରେ ସହଜ ଓ ସଂପର୍କରେ ତଥ୍ୟ ଗ୍ରହଣ କରିବେ । ମୋଟାମୋଟି ଭାବେ କହିବାକୁ ଗଲେ ରାଜ୍ୟରେ ବର୍ଷବର୍ଷ ଧରି ମହିଳା ହିଂସା ବଢ଼ି ଚାଲିଛି । ଏହି ହିଂସାରେ ଯିଏ ଦଣ୍ଡ ପାଇବା କଥା ସେମାନଙ୍କୁ ତୁରନ୍ତ ଧରି କାର୍ଯ୍ୟାନୁଷ୍ଠାନ ନେବା ଏକାନ୍ତ ଆବଶ୍ୟକ । ଏଥିରୁ ସ୍ପଷ୍ଟ ଜଣାପଡୁଛି ରାଜ୍ୟରେ ମହିଳା ମାନଙ୍କ ଅତ୍ୟାଚାର ପ୍ରାୟ ପ୍ରତିଦିନ ଦେଖିବାକୁ ମିଳୁଛି । କିଏ ମୃତ୍ୟୁବରଣ କରୁଛି ତ କିଏ ଆତ୍ମହତ୍ୟା କରୁଛି । ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବଢ଼ି ଚାଲିଛି । ଏଭଳି ହିଂସାକାଣ୍ଡ ଦେଶର ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳୁଛି । ଏହି ଦୃଷ୍ଟିରୁ ଓଡ଼ିଶାରେ ଏହା କିଭଳି ଶୂନ୍ୟସ୍ଥାନକୁ ଯିବ ଏ ଦିଗରେ ଜିଲ୍ଲାପାଳ ଏସ୍‌ପିଙ୍କ ମଧ୍ୟରେ ସମନ୍ୱୟ ରଖି ଆଗକୁ ବଢ଼ିବେ ନିଶ୍ଚିତ ଭାବେ ହିଂସା କମିବ ଏବଂ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେବ

# ଶାସ୍ତ୍ରୀୟ ଓଡ଼ିଆ ଭାଷା

◆ ଅରବିନ୍ଦ ତ୍ରିପାଠୀ

**ଯେକୌଣସି ରାଷ୍ଟ୍ର ପାଇଁ ମାତୃଭାଷା ହେଉଛି ସମ୍ମାନ ଓ ଅସ୍ମିତାର ପରିଚୟ । ମା' ମାଟି ଓ ମାତୃଭାଷା ପାଇଁ ସମଗ୍ର ଓଡ଼ିଆ ଜାତି ନିଷ୍ଠାର ସହ ଆଗେଇ ଆସିଲେ ଉତ୍କଳର ସମ୍ମାନ ଓ ସ୍ୱାଭିମାନ ବଜାୟ ରହିପାରିବ । ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲେଖରେ ଏହା ପ୍ରମାଣିତ ହୋଇଛି । ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଓ ପୁରାଣରେ କଳିଙ୍ଗ ଦେଶ, ଜାତି ଓ ଭାଷାର ସୂଚନାରୁ ଏକଥା ସ୍ପଷ୍ଟ ବାରିହୋଇଥାଏ । ହାତୀଗୁମ୍ଫା ଶିଳା ଲେଖରୁ ଜଣାଯାଏ ଯେ ଆଧୁନିକ ଓଡ଼ିଆ ଭାଷାର ଉତ୍ପତି ପାଲିଭାଷାରୁ । ହାତୀଗୁମ୍ଫା ଶିଳାଲେଖରେ ଭାଷା ହେଉଛି ପାଲି ଓ ଲିପି ହେଉଛି ବ୍ରାହ୍ମୀ । ଉକ୍ତ ଶିଳାଲେଖ ହିଁ ପ୍ରମାଣ କରିଦିଏ ଯେ ଓଡ଼ିଆ ଭାଷା ଅନ୍ୟଭାଷାଠାରୁ ବହୁ ପୁରାତନ । କରାଯିବ ବୋଲି ଜଣାପଡ଼ିଛି ।**

ମା'ର ସର୍ବପ୍ରଥମ ଭାଷା ଯେଉଁଟାକି ସେ ଶିଶୁକୁ ପ୍ରଥମରେ କହିଥାଏ, ସେ ଶିଶୁଟି ପାଇଁ ତାହା ପାଲଟିଯାଇଥାଏ ମାତୃଭାଷା । ଭାଷା ହିଁ ଭାବପ୍ରକାଶର ଏକମାତ୍ର ମାଧ୍ୟମ । ପୃଥିବୀରେ ଯେତେବେଳେ କୌଣସି ଭାଷା ନଥିଲା, ସେତେବେଳେ ଆଦିମାନବ ବିଭିନ୍ନ ଧ୍ୱନି ମାଧ୍ୟମରେ ତା' ମନ ହୃଦୟର କଥା, ଦୁଃଖ, ଯନ୍ତ୍ରଣା ଏବଂ ଆନନ୍ଦର ଭାବକୁ ପ୍ରକାଶ କରୁଥିଲା ସେତେବେଳେ ଏହା ଥିଲା ମାନବ ଜାତିର ଏକମାତ୍ର ଭାଷା । ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାର ଆବିର୍ଭାବ ହେଲା । ସେ ଭାଷା ସାହିତ୍ୟର ଭାଷା, ଧ୍ୱନୀ ଭାଷା, ସାଂକେତିକ ଭାଷା, ଲିପି ଭାଷା, କଥିତ ଭାଷା ଇତ୍ୟାଦି । ଏହି ଭାଷା ମାଧ୍ୟମରେ ମନୁଷ୍ୟ ହୃଦୟ ପ୍ରତିଟି ଚିନ୍ତା, ଚେତନା, ଆବେଗକୁ ରୂପ ଦେଉଥିଲା । ମା କ୍ଷୀର ପରି ମାତୃଭାଷା ଅମୃତ ସମାନ ହେଉଥିଲା । ଏହାରି ମାଧ୍ୟମରେ ମନର ଭାବକୁ ସହଜ ଓ ସରଳ ଭାବରେ ବୁଝି ହୁଏ ବା କାହାକୁ ବୁଝାଇହୁଏ । ମା ଠାରୁ ଶିକ୍ଷାଲାଭ କରିଥିବା ପ୍ରଥମ ଭାଷାଟି ଶିଶୁ ପାଇଁ ହୋଇଥାଏ ତାର ମାତୃଭାଷା । ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଉ ଅଛି । ଓଡ଼ିଆ ଭାଷା ଆମର ଅସ୍ମିତା ଏବଂ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ସମଗ୍ର ଜିଲ୍ଲା ଓ ରାଜ୍ୟ ସ୍ତରରେ ସଭାର ଆୟୋଜନ, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ତଥା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷିତ କରାଯାଏ । ଓଡ଼ିଆ ଭାଷା ହେଉଛି ସର୍ବପୁରାତନ । ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲେଖରେ ଏହା ପ୍ରମାଣିତ ହୋଇଛି । ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଓ ପୁରାଣରେ କଳିଙ୍ଗ ଦେଶ, ଜାତି ଓ ଭାଷାର ସୂଚନାରୁ ଏକଥା ସ୍ପଷ୍ଟ ବାରି ହୋଇଥାଏ । ହାତୀଗୁମ୍ଫା ଶିଳା ଲେଖରୁ ଜଣାଯାଏ ଯେ ଆଧୁନିକ ଓଡ଼ିଆ ଭାଷାର ଉତ୍ପତି ପାଲି ଭାଷାରୁ । ଧଉଳୀଠାରୁ ମିଳିଥିବା ଅଶୋକଙ୍କ ସମୟର ଶିଳାଲେଖ, ଜଉଗଡ଼ର ଶିଳାଲେଖ, ହାତୀଗୁମ୍ଫା ଶିଳାଲେଖରେ ଭାଷା ହେଉଛି ପାଲି ଓ ଲିପି ହେଉଛି ବ୍ରାହ୍ମୀ । ଉକ୍ତ ଶିଳାଲେଖ ହିଁ ପ୍ରମାଣ କରିଦିଏ ଯେ ଓଡ଼ିଆ ଭାଷା ଅନ୍ୟଭାଷାଠାରୁ ବହୁ ପୁରାତନ । ୨୦ ଫେବୃଆରୀ ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତା ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ ତାରିଖ ଦିନ ଏ ନେଇ ସରକାରୀ ବିଜ୍ଞପ୍ତି ଜାରି କରା ଯାଇଥିଲା । ୨୦୧୫ ମସିହାରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଦିବସ ଭାବେ ପାଳନ କରିବା ପାଇଁ ଓଡିଶା ସରକାର ନିଷ୍ପତି ଗ୍ରହଣ କରିଥିଲେ । ଏହା ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ ଓ ମାଲାୟାଲାମକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଛି । ୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁଭାଷାପଣ ପ୍ରଚାର ପାଇଁ ଉକ୍ତ ଦିବସ ପାଳିତ ହୋଇଆସୁଛି । ସମସ୍ତ ଭାଷାକୁ ସମ୍ମାନ ଦେବା, ସୁରକ୍ଷା ଦେବା ସମସ୍ତଙ୍କର କର୍ତ୍ତବ୍ୟ । ସମଗ୍ର ବିଶ୍ୱରେ ପ୍ରଚଳିତ ୭୧୦୨ ଟି ଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ୩୭ । ନିଶ୍ଚିତ ଏହା ଗର୍ବର ବିଷୟ ମାତ୍ର ଓଡ଼ିଶା ସୀମାନ୍ତରେ ଆମ ମାତୃଭାଷା ଓ ମାତୃଭୂମୀ ପ୍ରତି ଯେଉଁ ସମସ୍ୟା ଉପୁଜିଛି ତାହା ଗମ୍ଭୀର ବିଷୟ । ନିଜ ମାତୃଭାଷା ଯାହାକି ସାମୂହିକ ବିକାଶ, ଶାନ୍ତି ପ୍ରତିଷ୍ଠା ଏବଂ ଭାତୃଭାବ ରକ୍ଷା କରି ସାରା ଦେଶରେ ବନ୍ଧୁତ୍ୱ ଭାବ ପ୍ରତିଷ୍ଠା କରାଇବା । ସମସ୍ତ ମାତୃଭାଷାକୁ ଗୁରୁତ୍ୱ ଦେବା ସହ ଭାଷାର ସୁରକ୍ଷା , ସ୍ୱାଭିମାନ ଯେପରି ରହିପାରିବ ସମସ୍ତେ ଚେଷ୍ଟା କରିବା ଉଚିତ୍ । ଆମ ଓଡିଶାରେ ଭାଷାର ସମ୍ମାନ ପାଇଁ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଯେଉଁ ମହାପୁରୁଷମାନେ ବଳିଦାନ ଦେଇଛନ୍ତି ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଂଚସଖା, ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୂରୀ, ବିଶିଷ୍ଟ ଔପନ୍ୟାସିକ ଫକୀର ମୋହନ ସେନାପତି, ହରେକୃଷ୍ଣ ମହତାବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ଅବଦାନ ଚିରସ୍ମରଣୀୟ । ୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା । ଦୀର୍ଘ ୮୭୮ ଦିନ ଭାଷା ଆନ୍ଦୋଳନର ନୀରବ କଳାପତାକା ପଟୁଆର ଅଭିଯାନ ଫଳରେ ସରକାର ଶେଷରେ ୨୦୧୮ ସେପ୍ଟେମ୍ବର ମାସ ୧୯ ତାରିଖରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇଲେ । ଭାଷା ଆନ୍ଦୋଳନ ଏବଂ କେତୋଟି ପ୍ରମୁଖ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମଙ୍କ ଆନ୍ତରିକ ଉଦ୍ୟମ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମଧ୍ୟ ବ୍ୟାପକଭାବେ ସରକାରଙ୍କ ଉପରେ ପ୍ରଭାବ ପକାଇଥିଲା । ଓଡ଼ିଆ ଭାଷା ହେଲା ସରକାରୀ ଭାଷା । ଓଡ଼ିଆରେ ଓଡ଼ିଶା ଶାସନ କରିବା ପାଇଁ ଆଇନ୍ ପ୍ରଣୟନ କରିବାକୁ ସରକାର ବାଧ୍ୟ ହେଲେ ତଥା ଯେଉଁମାନେ ଏହି ଭାଷା ଆଇନ୍‌କୁ ଉଲଙ୍ଘନ କରିବେ ତାଙ୍କ ବିରୋଧରେ ଦଣ୍ଡ ବିଧାନର ବ୍ୟବସ୍ଥା କରିବା ପାଇଁ ବିଧାନସଭାରେ ଆଇନ ସଂଶୋଧନ କଲେ । ଏକ ତଥ୍ୟ ଅନୁସାରେ ସମଗ୍ର ଓଡ଼ିଶାରେ ୫୮ ପ୍ରକାରର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ସବୁ ସରକାରୀ ଓ ବେସରକାରୀ ସଂସ୍ଥା ଓଡ଼ିଆରେ ନାମ ଫଳକ ଲେଖିବାକୁ ସରକାର ବିଜ୍ଞପ୍ତି ଜାରି କଲେ ମାତ୍ର ଏହାର ବାସ୍ତବ କାର୍ଯ୍ୟକାରିତା ଏ ପର୍ଯ୍ୟନ୍ତ ଆଖିଦୃଶିଆ ଭାବରେ ପରିଲକ୍ଷିତ ହୋଇପାରିନାହିଁ । କିଛି ସରକାରୀ କ୍ଷେତ୍ରରେ ଓଡ଼ିଆର ବ୍ୟବହାର ସାମାନ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ବ୍ୟାପକ ଭାବରେ ଏହାର ପ୍ରଭାବ ଏପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ । ଏପର୍ଯ୍ୟନ୍ତ ଏହା କଡ଼ାକଡ଼ି ଭାବେ ଲାଗୁ କରାନଯିବା କାରଣ କ'ଣ ? ଆମ ମାତୃଭାଷା ପ୍ରତି ସରକାରୀ କର୍ମଚାରୀ ଓ ଅଧିକାରୀମାନେ ମନ ଓ ହୃଦୟରୁ ଏହାର ପ୍ରଚାର ପ୍ରସାର ବହୁଳ ବ୍ୟବହାର କରିବା ପାଇଁ ଚେଷ୍ଟା କରିବା କଥା ମାତ୍ର ଏହା ହେଉନାହିଁ । ତଦନୁସାରେ ଦଣ୍ଡ ବିଧାନ ମଧ୍ୟ କରାଯାଉନାହିଁ । ମାତୃଭାଷା ଓ ମାତୃଭୂମୀ ଆଜି ଘୋର ସଂକଟରେ । ଆମକୁ ମନେରଖିବାକୁ ହେବ ଯେ ମାତୃଭାଷା ସହିତ ଲୋକଙ୍କ ଭାବାବେଗ ଜଡ଼ିତ ରହିଛି । ଏହା ଆମ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ନୁହେଁ କି ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ- "ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା ।" ଭଷାକୁ ନେଇ କୌଣସି ବୈଷମ୍ୟ ରହିବା ଉଚିତ୍ ନୁହେଁ । ଉତ୍କଳର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ସଂଗୀତ ପ୍ରମୁଖ ମହାନ ତଥା ଜାତୀୟ ଓ ଆନ୍ତର୍ଜାତିୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ଓଡ଼ିଶାର ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଦାବି ଉଠିଲାଣି । ଏହାର ପ୍ରାସଙ୍ଗିକତା ବହୁ ପରିମାଣରେ ବୃଦ୍ଧି ପାଇଛି । ଆମ ସଂଗୀତ ମଧ୍ୟ ବହୁ ପୁରାତନ । ସରକାରଙ୍କ ସହିତ ସମସ୍ତ ସଂଗଠନ, ବୁଦ୍ଧିଜୀବୀ ତଥା ଦଳମତ ନିର୍ବିଶେଷରେ ମାତୃଭାଷା, ସଂଗୀତ ପ୍ରତି ଗଭୀର ଅନୁରକ୍ତି ଭାବ ରହିଲେ ଆମ ଭାଷା ଓ ସଂଗୀତ ମଧ୍ୟ ବହୁ ଆଗକୁ ଯାଇପାରିବ । ତେଣୁ ଏହାର ପ୍ରଚାର ଓ ପ୍ରସାର ବ୍ୟାପକ ଭାବରେ କରାଗଲେ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆମ ଗୌରବ ଆହୁରି ବୃଦ୍ଧି ହୋଇପାରିବ ।

*ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ,*
*ଭୁବନେଶ୍ୱର, ମୋ-୯୯୩୭୬୮୯୬୮୩*

# ବରଷା



◆ଆଶିଷ କୁମାର ସାମଲ

ବରଷା ଛୁଇଁଲେ ମୋ ବିରହ ହୃଦୟେ ବି
ଜାତିଉଠେ ପ୍ରେମର ବସନ୍ତ
ପ୍ରତାରଣାର ଉତାଳ ତରଙ୍ଗ ସବୁ
ନିମିଷକେ ହୋଇଯାଏ ଶାନ୍ତ ।
ପବନର ସେଇ ହାଲୁକା ଚୁମ୍ବନ ଯେବେ
ଚୁମିଯାଏ ତନୁକୁ ମୋର
ଅତୀତର ସେଇ ଅଭୁଲା ସ୍ମୃତି ସବୁ
ଗୋଟି ଗୋଟି ହୁଏ ଉଜାଗର ।



ମନେ ପଡ଼େ ତୁମ ମନଲୋଭା ଶୃଙ୍ଗାର
ଘନକଳା ଓଦା କେଶ
ଲାଜ ଭିଜା ନୀଳ ହରିଣି ଆଖିରେ
ପ୍ରେମର ଅପୂର୍ବ ସୁଭାଷ ।
ପୁଣି ମନେ ପଡ଼େ ବିଜୁଳି ଭୟରେ ତୁମେ
ଖୋଜୁଥିଲ ଆଶ୍ରା ମୋ ବାହୁରେ
ପ୍ରେମ ଆଲିଙ୍ଗନର ଉଷ୍ମତାରେ ତୁମର
ଉଡୁଥିଲି ମୁଁ ସ୍ୱପ୍ନ ଆକାଶରେ ।
ଆଜି ଫେରିଛି ପୁଣି ସେଇ ବର୍ଷା ପ୍ରିୟା
ସେଇ ଓଦା ନଦୀ ତୁଠ
ତମେ କିନ୍ତୁ ପର କରି ଦେଲ ମୋତେ
ଦେଇ ହୃଦୟରେ କଷ୍ଟ
ବରଷା ରାଣି ରେ ଅନୁରୋଧ ତୋତେ
ଏତିକି ରହିଲା ମୋର
ଯଉଁଠି ବି ଥାଉ ମୋ ପ୍ରିୟା ପଛକେ
ଖୁସି ଦବୁ ତାକୁ ନିରନ୍ତର ।

# ବିଲୁପ୍ତାଭିମୁଖୀ ଭାଷା ଓ ଓଡ଼ିଆ

◆ ବାଦଲ ଭୂୟାଁ

**ଶାସ୍ତ୍ରୀୟ ମାନ୍ୟତା ପାଇବାପରେ ଓଡ଼ିଶା ସରକାର ଶାସ୍ତ୍ରୀୟ ଓଡ଼ିଆ ଭାଷା କେନ୍ଦ୍ର ସ୍ଥାପନ ପାଇଁ ପ୍ରାଥମିକ କାର୍ଯ୍ୟ ସ୍ୱରୂପ ଏକ କମିଟି ବସାଇଛନ୍ତି । ଏହାର କାର୍ଯ୍ୟହେବ ଭାଷାକେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କୁ ପରାମର୍ଶ ଦେବା ଓ ଭବିଷ୍ୟତର କର୍ମପନ୍ଥା ନିରୂପଣ କରିବା । ଏହି କମିଟିର ପ୍ରସ୍ତାବ କ୍ରମେ ମାର୍ଚ୍ଚ ୧୧ଦିନ ଓଡ଼ିଆ ଭାଷା ଦିବସ ପାଳନ କରାଯିବ । ସେଥିପାଇଁ ସରକାର ନିଷ୍ପତି ନେଇଛନ୍ତି ଓ ଜିଲ୍ଲାସ୍ତରରେ ପାଳନର ଏକ ରୂପରେଖ ପ୍ରସ୍ତୁତ ହୋଇଛି । ଏହା ଏକ ଗତାନୁଗତିକ ମହୋତ୍ସବମୁଖର କାର୍ଯ୍ୟକ୍ରମ । ଏହି ଅବସରରେ କମିଟି ପକ୍ଷରୁ ଓଡ଼ିଆ ଭାଷା ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ଜଣାପଡ଼ିଛି ।**

ପୃଥିବୀରୁ ବହୁ ଭାଷା ଲୋପ ପାଇଯାଉଛନ୍ତି । ଏହାକୁ ନେଇ ଭାଷାତତ୍ତ୍ୱବିତ୍‌ମାନେ ବାରମ୍ବାର ଚିନ୍ତାପ୍ରକଟ କରିଆସିଛନ୍ତି । ୟୁନେସ୍କୋ ଅନୁସାରେ ପୃଥିବୀର ପ୍ରାୟ ୬,୫୦୦ ଭାଷା ମଧ୍ୟରୁ ଅଧା ଲୁପ୍ତ ହେବା ଅବସ୍ଥାରେ । ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଅନେକଙ୍କର ଚିହ୍ନବର୍ଣ୍ଣ ଲୋପ ପାଇବାର ଆଶଙ୍କା ଦେଖା ଦେଇଛି । ନିକଟରେ କେତେକ ଭାଷା ସମ୍ପୂର୍ଣ୍ଣ ଲୋପ ପାଇଯାଉଛି, କାରଣ ଏହାକୁ କହୁଥିବା ଲୋକ ଆଉ କେହି ବଂଚିନାହାନ୍ତି । ଏଭଳି ଏକ ଭାଷା ହେଲା 'ଉଭି' । ୧୯୯୨ରେ ତୁର୍କିର ଏହି ଭାଷା କହୁଥିବା ଶେଷବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଆଉ ଏକ ମୃତଭାଷା ହେଲା 'ଅକ୍କାଲା ସାମି' । ରୁଷ ଦେଶର ଏହି ଭାଷାକୁ କହୁଥିବା ଏକମାତ୍ର ଲୋକଟିର ୨୦୦୩ରେ ମୃତ୍ୟୁ ଘଟିଥିଲା । ସେହିପରି ଆଉ ଏକ ଲୁପ୍ତ ଭାଷା ହେଲା 'ଇୟାକ' । ଆମେରିକାର ଆଲାସ୍କା ଅଂଚଳରେ ଏହି ଭାଷା ବଂଚିରହିଥିଲା । ୨୦୦୮ରେ ଏହି ଭାଷା କହୁଥିବା ଶେଷବ୍ୟକ୍ତି ମେରୀ ସ୍ମିଥ୍ ଜୋନ୍ସଙ୍କ ମୃତ୍ୟୁ ହୋଇ ସହ 'ଇୟାକ୍' ଭାଷାର ମଧ୍ୟ ମୃତ୍ୟୁ ହେଲା । ତେବେ ଭାଷାବିତ୍ ଡ.ମାର୍କ ଟୁରିନ୍‌ଙ୍କ ମତରେ ନ୍ୟୁୟର୍କ ଭଳି ମହାନଗରୀରେ ପ୍ରାୟ ୮୦୦ ପ୍ରକାରର ଭାଷା କହୁଥିବା ଲୋକେ ରହନ୍ତି । ପୃଥିବୀର କୋଣଅନୁକୋଣରୁ ଯାଇ ବିଭିନ୍ନ ଭାଷାଭାଷୀ ଲୋକେ ସେଠାରେ ବସବାସ କରୁଛନ୍ତି । ତେଣୁ ଏଡି ନଗରୀଟି ଭାଷାବିତ୍‌ଙ୍କ ଗବେଷଣା ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହୋଇଛି । ନ୍ୟୁୟର୍କରେ ବିଭିନ୍ନ ଭାଷା ଶୁଣିବା ପାଇଁ ଆପଣଙ୍କୁ ବିଶେଷ କିଛି କରିବା ଦରକାର ହେବନାହିଁ । କେବଳ ସବ୍‌ୱେର ଆପଣ ଯାଆନ୍ତୁ । ରାସ୍ତାରେ ଆପଣଙ୍କୁ କୋରିଆ, ଚୀନା, ବଙ୍ଗାଳୀ, ଗୁଜୁରାତି, ନେପାଳୀ ସମେତ ବିଭିନ୍ନ ଭାଷା ଶୁଣିବାକୁ ମିଳିବ । ରାସ୍ତାରେ ମଧ୍ୟ ଆପଣ ବିଭିନ୍ନ ଭାଷାର ଚିହ୍ନ ଓ ସଂକେତ ଲଟକାଯାଇଥିବା ଦେଖିବେ । ତେବେ ନ୍ୟୁୟର୍କ ଏଭଳି ଏକ ଜାଗା, ଯେଉଁଠି ଅନେକ ଭାଷାର ମୃତ୍ୟୁ ମଧ୍ୟ ଘଟୁଛି । ଭାଷାବିତ୍ ଡାନିଏଲ କଫମ୍ୟାନ୍ କହନ୍ତି ଯେ ସ୍ଲୋଭାନିଆର ଗଟଶିୟର୍ସ ଲୋକ ସ୍ଲାଭିକ୍ ଭଳି ଏକ ଭାଷା କୁହନ୍ତି, ଯାହାକୁ ଜର୍ମାନୀର ଲୋକେ ବୁଝିପାରନ୍ତି ନାହିଁ । ଏହି ଭାଷା କହୁଥିବା କିଛି ଲୋକଙ୍କ ମଧ୍ୟରୁ କେତେ ଜଣ କୁଇନ୍ସରେ ରହୁଛନ୍ତି । ସେହିପରି ହୋଣ୍ଡୁରାସ ଓ ବେଲିଜ୍‌ର ଗରିଫୁନା ଭାଷା କହୁଥିବା କେତେକ ପ୍ରବାସୀ ଲୋକେ ମଧ୍ୟ ଆମେରିକାରେ ରହୁଛନ୍ତି ।

**ଓଡ଼ିଆ ଭାଷା ଦିବସ**

ଆମେରିକାର କେତେଜଣ ଭାଷାବିତ୍ ଏକାଠି ହୋଇ ଏବେ 'ଏନଡ଼େଞ୍ଜର୍ଡ଼ ଲାଙ୍ଗୁଏଜ୍ ଆଲାଏନ୍ସ' ବା ଲୁପ୍ତପ୍ରାୟ ଭାଷା ମେଂଟ ନାମକ ଏକ ସଂଗଠନ ଗଢ଼ିଛନ୍ତି । ସେମାନେ ଲୁପ୍ତପ୍ରାୟ ଭାଷାଗୁଡ଼ିକୁ ସଂରକ୍ଷିତ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ ଏବେ ଇଣ୍ଡୋନେସିଆର ସୁଲାଭେସିର 'ମମୁଜୁ' ଭାଷା କହୁଥିବା ହୁସ୍ନି ହୁସେନଙ୍କ ଭିଡ଼ିଓ ମଧ୍ୟ ତିଆରି କରିଛନ୍ତି । ନ୍ୟୁୟର୍କରେ ଏହି ଭାଷା କହୁଥିବା ସେ ଏକମାତ୍ର ବ୍ୟକ୍ତି । ଚାରି, ପାଂଚ ବର୍ଷ ଭିତରେ ଭାରତୀୟ ଭାଷାଗୁଡ଼ିକର ଶାସ୍ତ୍ରୀୟ ମାନ୍ୟତା ପାଇବା ଭାରତୀୟଙ୍କ କ୍ଷେତ୍ରରେ ଏକ ସ୍ୱର୍ଣ୍ଣକାତର ପ୍ରସଙ୍ଗ ରୂପେ ଉଭା ହୋଇଥିଲା । ଏହି ପ୍ରେକ୍ଷାପଟ୍ଟରେ ଆମେ ଏକ ପ୍ରକାର ଉଦାସୀନ ଥିଲୁ । ୨୦୧୦ ବେଳକୁ ବିଭିନ୍ନ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବା ପରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ନେଇ ବିଚାରବିମର୍ଶ ଆରମ୍ଭ ହୋଇଥିଲା । ସମ୍ପ୍ରତି ଏ ବିଷୟରେ କେହି କିଛି କହୁନାହାନ୍ତି କିମ୍ବା କେଉଁଠି ସେପରି ଆଖିଦୃଶିଆ ବୌଦ୍ଧିକ ବିତର୍କ ହେଉ ନାହିଁ । କୌଣସି ସ୍ୱାଭିମାନ ଜାତି ପାଇଁ ଏହା ପରିତାପର ବିଷୟ । ଶାସ୍ତ୍ରୀୟତା ଲାଭ ପାଇଁ ମୁଖ୍ୟତଃ ଚାରିଟି ଯୋଗ୍ୟତାର ଆବଶ୍ୟକତା ରହିଛି । ପ୍ରଥମତଃ, ଶାସ୍ତ୍ରୀୟତା ଦାବି କରୁଥିବା ଭାଷାଭାଷୀ ଜାତିର ଅନ୍ୟୁନ ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତିର ପ୍ରାଚୀନ ଐତିହ୍ୟ ଥିବ । ଦ୍ୱିତୀୟତଃ, ଯୁଗ ଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେକରାଯାଉଥିବା ପ୍ରାଚୀନ ଐତିହ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ । ତୃତୀୟତଃ, ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ । ଚତୁର୍ଥତଃ ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବ । ଯାହାହେଉନା କାହିଁକି, ଆମେ ଆମର ଅସ୍ମିତା ଓ ଅସ୍ତିତ୍ୱ ଖୋଜିବାରେ ପୁଙ୍ଖାନୁପୁଙ୍ଖ ନୁହନ୍ତି । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଦ୍ୱାରା ଏହି ଭାଷା ସାହିତ୍ୟର ଗବେଷକଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଆନ୍ତର୍ଜାତିକ ପୁରସ୍କାର ପ୍ରତିଷ୍ଠା କରାଯିବାର ଯୋଜନା ରହିଛି । ଏହି ଭାଷାର ଅଧ୍ୟୟନ ଓ ଗବେଷଣା ପାଇଁ ଗବେଷଣା ପରିଷଦ ସ୍ଥାପନ କରାଯିବ ଏବଂ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କୁ ନିର୍ଦ୍ଦେଶ ଦିଆଯିବ । ଏହି ଭାଷାର ଉନ୍ନତି, ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ଏକ ଶହ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିବେ । ପ୍ରତିବର୍ଷ ବଜେଟରୁ ଭାଷା ପ୍ରସାର ପାଇଁ ଅନ୍ୟୁନ ୫କୋଟି ଟଙ୍କା ରାଜ୍ୟ ପାଇବ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ସହିତ ଜାତୀୟ ଗୌରବ ଓ ସ୍ୱାଭିମାନ ସଂଶ୍ଳିଷ୍ଟ । ଏହି ମହାନ କାର୍ଯ୍ୟ ପାଇଁ ବ୍ୟାପକ ଭାବେ ସାମୂହିକ ଉଦ୍ୟମ ଲୋଡ଼ା । ପ୍ରାମାଣିକ ଓ ବୈଜ୍ଞାନିକ ପଦ୍ଧତିରେ ଅତ୍ୟନ୍ତ ସାବଧାନତାର ସହିତ ଶାସ୍ତ୍ରୀୟ ମାନ୍ୟତା ଦାବି ଉପସ୍ଥାପନ ଦିଗରେ ତତ୍ପର ହେବାର ବେଳ ଆସିଛି । କହିବା ବାହୁଲ୍ୟ ଯେ ଭାରତରେ ବି ଏଭଳି ବହୁ ଭାଷା ଲୁପ୍ତପ୍ରାୟ ଅବସ୍ଥାରେ ରହିଛନ୍ତି । ବହୁ ଭାଷା, ବିଶେଷକରି ଆଦିବାସୀ ଅଂଚଳର ଭାଷାଗୁଡ଼ିକର ଲିପି ନଥିବାରୁ ସେଗୁଡ଼ିକ ଲୋପ ପାଇବାର ବେଶି ଆଶଙ୍କା ରହିଛି । ଏଭଳି ଭାଷାକୁ ଚିହ୍ନଟ କରି ଆମ ଏଠାରେ ମଧ୍ୟ ବିଭିନ୍ନ ଉପାୟରେ ସଂରକ୍ଷଣ କରାଯିବା ଆବଶ୍ୟକ ।

# ଜଳ ହିଁ ଜୀବନ

ଜଳ ହିଁ ଜୀବନ ଓ ଦୂଷିତ ଜଳ ବିଷ ସଦୃଶ । ଏହି ଉକ୍ତିର ନିଶ୍ଚିତ ଭାବରେ ଯଥାର୍ଥତା ରହିଛି । ଭାରତୀୟ ଭୂତାତ୍ତ୍ୱିକ ଜଳ ସର୍ବେକ୍ଷଣ ସଂସ୍ଥାର ସର୍ଭେ ଅନୁଯାୟୀ ରାଜ୍ୟର ୮୨ଟି ସ୍ଥାନକୁ ଫ୍ଲୋରାଇଡ୍ ପ୍ରଭାବିତ ଅଂଚଳ, ୨୫ଟି ସ୍ଥାନକୁ ଲୁଣିଜଳ ଅଂଚଳ, ୭୩୭ଟି ସ୍ଥାନକୁ ଲୌହ ଓ ୪୧୩ଟି ସ୍ଥାନ ଅନ୍ୟାନ୍ୟ ସମସ୍ୟା ପ୍ରଭାବିତ ଅଂଚଳ ଭାବରେ ଚିହ୍ନଟ କରାଯାଇଛି । ବିଶେଷକରି ରାଜ୍ୟର କଳାହାଣ୍ଡି, ବଲାଙ୍ଗିର, କୋରାପୁଟ ଓ ନୟାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ଜଳ ସହ ମିଶ୍ରିତ ଅବସ୍ଥାରେ ରହିଛି । ଏହାକୁ ପାନୀୟ ଜଳ ଭାବରେ ବ୍ୟବହାର କଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞ ଦଳ ତାଙ୍କ ସର୍ଭେ ସମୟରେ ଜନସାଧାରଣ ତଥା ସରକାରଙ୍କୁ ସତର୍କ ବାଣୀ ସୂଚିତ କରିଥିଲେ । ଗତ ୧୯୯୯ ମସିହାରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ବୋଡ଼େନ ବ୍ଲକ୍ ଅନ୍ତର୍ଗତ କର୍ଲାକୋଟ ଗ୍ରାମ ପଂଚାୟତର ସାତୋଟି ଗ୍ରାମରେ ୧୧୦୯ ଜଣ ଲୋକ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ଓ ସ୍ଥାନୀୟ ବୋଡ଼େନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ ଡାକ୍ତର ଚି□ରଞ୍ଜନ ଦାସ ଡାକ୍ତର ସୁବାଷ ଚନ୍ଦ୍ର ଦାସଙ୍କ ସମେତ ବହୁ ସ୍ୱାସ୍ଥ୍ୟ କର୍ମକର୍ତ୍ତାଙ୍କ ଏକ ଟିମ୍ ଗତ ତା୬.୬. ୧୯୯୯ରିଖ ଦିନ ଏହି ଅଂଚଳର ପିଇବା ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଇଥିଲେ । ଏହି ପରୀକ୍ଷା ରିପୋର୍ଟ ପ୍ରକାଶ ପାଇବା ପରେ ଜଣାଗଲା ଯେ, ଏହି ଅଂଚଳରେ ଅଧିକ ପରିମାଣରେ ଫ୍ଲୋରାଇଡ୍ ମାତ୍ରା ଥିବାର ଜଣାଯାଇଥିଲା । ବିଶେଷଜ୍ଞ ମାନଙ୍କ ମତରେ ଏକ ଲିଟର ପାଣିରେ ୧ମି.ଗ୍ରା. ପର୍ଯ୍ୟନ୍ତ ଫ୍ଲୋରାଇଡ୍ ମାତ୍ରା ରହିଲେ ମନୁଷ୍ୟ ଜୀବନ ପ୍ରତି କୌଣସି ବିପଦ ନଥାଏ; କିନ୍ତୁ ଏହାଠାରୁ ଅଧିକା ମାତ୍ରାରେ ଫ୍ଲୋରାଇଡ୍ ରହିଲେ ଶରୀରରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ତେଣୁ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ପାଣିକୁ ବ୍ୟବହାର କରିବା ବର୍ଜନୀୟ ଅଟେ । ସେହିପରି ଜଳରେ ମାତ୍ରାଧିକ ପରିମାଣର ଲୁଣି ଅଂଶ, ଲୌହ ଅଂଶ ବା ଅନ୍ୟକୌଣସି ଧାତବ ଅଂଶ ଥିଲେ ତାହା ବ୍ୟବହାର ଉପଯୋଗୀ ହୋଇ ନଥାଏ । ସେହିଭଳି ନଈ, ନା, ପୋଖରୀ, ଗାଡ଼ିଆ ର ଦୂଷିତ ଜଳକୁ ପାନୀୟ ଜଳ ଭାବରେ ଗ୍ରହଣ କରିବା ଅନୁଚିତ; କିନ୍ତୁ ବେଳେ ବେଳେ ମଣିଷ ଜାଣି ସୁଦ୍ଧା ପରିସ୍ଥିତିରେ ଦାସ ହୋଇ ଏହି ସବୁକୁ ବ୍ୟବହାର କରିବା ପାଇଁ ବାଧ ହୋଇଥାଏ ଓ ତା'ର ଭୟାବହ ପରିମାଣ ନିଜ ଅଙ୍ଗରେ ନିଭେଇଥାଏ । ଯହା କର୍ଲାକୋଟ ଗ୍ରାମ ପଂଚାୟତବାସୀଙ୍କ ଭାଗ୍ୟରେ ମିଳିଥିଲା । ସେହି ପଂଚାୟତର ପ୍ରତ୍ୟେକ କୂଅ ଓ ନଳକୂପ ପାଣିରେ ମାତ୍ରାଧିକ ପରିମାଣର ଫ୍ଲୋରାଇଡ୍ ମିଶ୍ରିତ ଅବସ୍ଥାରେ ଥିବା ଜାଣି ସୁଦ୍ଧା ବ୍ୟବହାର କରିବା ପାଇଁ ବାଧ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ଏହି ଅଂଚଳରେ ପାନୀୟ ଜଳ ସଙ୍କଟ ରହିଛି । ସରକାର ଅନ୍ୟ ଉତ୍ସ ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ବିଧେୟ । ସେହିଭଳି ଥୁଆମୂଳ ରମପୁର ଓ ଲାଞ୍ଜିଗଡ଼ ବ୍ଲକ୍ ଅଂଚଳରେ ବସବାସ କରୁଥିବା ଆଦିବାସୀ, ହରିଜନ ଲୋକମାନେ ସଚେତନତାର ଅଭାବ ଯୋଗୁଁ ପାଣି ଆଣି ପଇବା ପାଣି ରୂପରେ ବ୍ୟବହାର କରୁଛନ୍ତି । ପାହାଡ଼ିଆ ଅଂଚଳ ହେତୁ ଆଜି ପର୍ଯ୍ୟନ୍ତ ଗମନା ଗମନର ସୁବିଧା ହୋଇ ପାରି ନାହିଁ । ପ୍ରାୟ ୬୦ ପ୍ରତିଶତ ଗ୍ରାମରେ ନଳକୂପ ନାହିଁ କହିଲେ ଚଳେ । ଯେଉଁଠି ନଳକୂପ ଅଛି ସେଠି ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ । ତେଣୁ ଲୋକମାନେ ବାଧ ବାଧକତାରେ ନଈ, ନାଳ, ପୋଖରୀ, ଝରଣାର ଦୂଷିତ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରି ମ୍ୟାଲେରିଆ ଓ ଡାଇରିଆ ରୋଗରେ ଆକ୍ରାନ୍ତ ହେଉଛନ୍ତି ।

## ମେଦବୃଦ୍ଧିର କାରଣ

ଇଂଲଣ୍ଡରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବମାନେ କାହିଁକି ମେଦବୃଦ୍ଧି ରୋଗରେ ପୀଡିତ ହେବାକୁ ଯାଉଛନ୍ତି, ତାହାର କାରଣ ଖୋଜିବାକୁ ଯାଇ ଲଣ୍ଡନସ୍ଥିତ ଇମ୍ପେରିଆଲ କଲେଜର ଦଳେ ଗବେଷକ [redacted]

# ହୃଦୟର ସୁରକ୍ଷା



[redacted] ଖାଇବା ଉଚିତ ।
[redacted] ଦ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ । ଫାଷ୍ଟଫୁଡ୍,
[redacted] ସହିତ ଲୁଣ କମ୍ ବ୍ୟବହାର କରନ୍ତୁ ।
[redacted] ବ୍ୟାୟାମ ନିଶ୍ଚୟ କରିବା ଉଚିତ୍ ।
[redacted], ଗୁଟ୍‌ଖା, ଅନ୍ୟ ପାନମସଲା ଓ
[redacted] ରନ୍ତୁ ।
[redacted] । ଏଥିପାଇଁ ଚର୍ବିଯୁକ୍ତ ଖାଦ୍ୟ, ଲୁଣ,
[redacted] ଦି କମ୍ ଖାଇବା ଉଚିତ ।
[redacted] କଟରେ ରହିବା ଭଲ ।
[redacted] ଯେପରି ଅତ୍ୟଧିକ ଚର୍ବି ଜମି ନରହେ
[redacted] ଅନୁସାରେ କୋଲେଷ୍ଟେରଲ ତଥା
[redacted] ଧାନରେ ଯା□ କରିନିଅନ୍ତୁ ।
[redacted] ଖିବେ କିପରି ?
[redacted] ସ୍ଥା ରହିବା ଆବଶ୍ୟକ ହୋଇପଡୁଛି ।
[redacted] ପରିବର୍ତ୍ତେ ପାହାଚରେ ଯିବା ଆସିବା କରନ୍ତୁ । ପ୍ରତ୍ୟେକ ସମୟରେ କାର୍ ବା ଅନ୍ୟାନ୍ୟ ଗାଡ଼ି ବ୍ୟବହାର କରିବା ବଦଳରେ କିଛି ସମୟ ସାଇକେଲ୍ ଚଳାଇ ଯିବା ଉପକାରୀ ହୋଇ ଥାଏ । ଯିବା ଆସିବା ପାଇଁ ସାଇକେଲ୍ ଅଧିକ ବ୍ୟବହାର କରନ୍ତୁ ।

◆ ଟିଫିନ୍‌ରେ ତୈଳାକ୍ତ ଖାଦ୍ୟ ନ ନେଇ କ୍ଷୀର, ଫଳ, ଗଜା, ମଟର ଏବଂ ବୁଟ, ସୁପ୍, ଜୁସ୍, କର୍ନ ଆଦି ନେବା ସ୍ୱାସ୍ଥ୍ୟକର । ମାନସିକ ଦୁଶ୍ଚିନ୍ତାରୁ ମୁକ୍ତ ରୁହନ୍ତୁ । ବରିଷ୍ଠ ତଥା କନିଷ୍ଠ ସହକର୍ମୀ ମାନଙ୍କ ସହ ଉ□ମ ବ୍ୟବହାର ବଜାୟ ରଖନ୍ତୁ । ପରସ୍ପର ସହ ସହଯୋଗପୂର୍ଣ୍ଣ ପରିବେଶରେ କାର୍ଯ୍ୟ କଲେ କୌଣସି ଦୁଶ୍ଚିନ୍ତାର ଆଶଙ୍କା ରହିବ ନାହିଁ । ସମସ୍ୟା ଉପୁଜିଲେ ସହଯୋଗ ଭି□ରେ ସମାଧାନ କରନ୍ତୁ ।

◆ଏକକାଳୀନ ଅଧିକ କାର୍ଯ୍ୟ ନକରି ମଝିରେ ବିଶ୍ରାମ ନେବା ସହିତ ଯୋଗ ଏବଂ ଧ୍ୟାନ କରିବା ଉଚିତ ।

◆ ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରିତ କରି ତାକୁ ପୂରଣ କରନ୍ତୁ । ଏହାଦ୍ୱାରା ଅଧିକ ଚିନ୍ତା କରିବାକୁ ପଡ଼ିବନାହିଁ ।











# ପରିଚୟ ଫାଉଣ୍ଡେସନ ତରଫରୁ "ଆର୍ଯ୍ୟା" ସମ୍ମାନ



ଭୁବନେଶ୍ୱର : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପରିଚୟ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟା ସମ୍ମାନ-୨୦୨୬ର ୧୪ତମ ସଂସ୍କରଣ ଭୁବନେଶ୍ୱର ମେଫେୟାର କନଭେନସନ ସେଣ୍ଟରରେ ଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଦେଖାଇଥିବା ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପଦ୍ମ ବିଭୂଷଣ ପଣ୍ଡିତ ହରି ପ୍ରସାଦ ଚୌରାସିଆ ଯୋଗଦେଇଥିଲେ । ଅତିଥି ଅତିଥି ପ୍ରସିଦ୍ଧ ନିର୍ଦ୍ଦେଶକ ଓ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ, ରୁଚି ଫାଉଣ୍ଡେସନର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରଶ୍ମି ସାହୁ ଓ ପୂର୍ବତନ ବିଧାୟକ ତଥା ବିଜେପିର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ହାତକତା, ହସ୍ତଶିଳ୍ପ ଓ ପାରମ୍ପରିକ ପୋଷାକର ଐତିହ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିଲା । ଏହା ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ସହିତ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ହାତକତା କଳାକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପରିଚିତ କରାଇବାର ପ୍ରୟାସ କରାଯାଇଥିଲା । ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାନେତ୍ରୀ ଡା. ରୋଜାଲିନ ପଟ୍ଟଶାଣୀ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୋଲକାତା, ଭୁବନେଶ୍ୱର ଓ ନୂଆଦିଲ୍ଲୀ ଆଦି ଦେଶର ତିନୋଟି ସହରରେ ତିନିଦିନ ବ୍ୟାପୀ ଆୟୋଜିତ ହୋଇଥିଲା । ଏହି ଅବସରରେ ୨୧ ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା ।

# ବନଗୁଡ଼ା ଗ୍ରାମ ଠାରେ ଗାୟତ୍ରୀ ଦୀପ ମହାଯଜ୍ଞ

ଜୟପୁର : ଜୟପୁର ଗାୟତ୍ରୀ ପରିବାର ମାଧ୍ୟମ ରେ ଗ୍ରାମ କଲ୍ୟାଣ ନିମନ୍ତେ ଦୀପଯଜ୍ଞ ଗ୍ରାମଦେବୀ ପୂଜକ ଶରତ ପ୍ରଧାନୀ, ଗ୍ରାମ ର ବିଶିଷ୍ଟ ବୁଦ୍ଧିଜୀବୀ ଶ୍ରୀ ମହେନ୍ଦ୍ର ସାହୁ, ରତ୍ନମାଳା ସାହୁ, ଯୋଗେଶ୍ୱରି ପାଣିଗ୍ରାହି, ମୁରଲୀ ସାହୁ, କୁନ୍ତଳା ସାହୁ, ନମିତା ନାୟକ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଗଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ପ୍ରୟାଜ ସଂକଳ୍ପ ୨୫୧ ଗ୍ରାମ ରୁ ୧୦୦୮ ଦେବ ଦମ୍ପତି ଙ୍କ ଦ୍ୱାରା ଶୁଭଖୁଂଟି ସ୍ଥାପନ, ଭୂମିପୂଜନ କରି ୨୫୧ କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ର ଶୁଭାରମ୍ଭ କରିବା । ଏଥି ନିମିତ୍ତ ଏକ ସପ୍ତାହ ମଧ୍ୟ ରେ ୩୦ରୁ ଉର୍ଦ୍ଧ ଗ୍ରାମ ଯେପରି କି ଚାର ଗାଁ, ଭଙ୍ଗାଝିଂଚ, ଡଙ୍ଗରଝିଂଚ, ପାଞ୍ଜିଆଗୁଡ଼ା ନୂଆପୁଟ, ପରଜାଗୁଡ଼ା, ଦାମାପୁଟ,କୁମାର ପୁଟ, ପିଉରି, ବାର୍ଲାହଣ୍ଡି, ସମଦାସ ପୁଟ, ସର୍ଗିଗୁଡ଼ା, ଅଞ୍ଚା, ବାୟାଗୁଡ଼ା, ରାଣୀପୁଟ, ଗୌଡଗୁଡ଼ା, ଫାମ୍ପୁଣି, ଗାଗାନାପୁର, ଦୁମୁରିଗୁଡ଼ା, ବନ୍ଦୁଗୁଡ଼ା, କଙ୍କଡାହାଣ୍ଡି, ଡେରାଗୁଡ଼ା, ସର୍ଗୀଗୁଡ଼ା, ନନ୍ଦଗୁଡ଼ା, ଗ୍ରାମ ସଂପର୍କ କରି ଗୋଷ୍ଠୀ କରାଯାଇଥିଲା ଓ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପ୍ରୟାଜ କର୍ମ ର ଶୁଭାରମ୍ଭ ନିମିତ ବନଗୁଡ଼ା ଗ୍ରାମବାସୀ ଙ୍କ ଦ୍ୱାରା ପ୍ରଥମ ଦୀପ ମହାଯଜ୍ଞ ମାଧ୍ୟମ ରେ ଶୁଭାରମ୍ଭ କରାଯାଇଥିଲା । ପରମପୂଜ୍ୟ ଗୁରୁଦେବ ଙ୍କ ସଂକଳ୍ପ ମାନବ ମଧ୍ୟରେ ଦେବତ୍ୱ ଜାଗରଣ ଏବଂ ଧରାରେ ସ୍ୱର୍ଗ ର ଅବତରଣ ସଂକଳ୍ପ ସାକାର କରିବା । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଗାୟତ୍ରୀ ପରିବାର ସମନ୍ୱୟକ ସୁଶ୍ରୀ ଉଦୟରା ପାତ୍ର, ସପ୍ତସୂତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ଶ୍ରୀ ନିରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲ୍ଲା ବ୍ଲକ ସମନ୍ୱୟକ ଶ୍ରୀ ଗଙ୍ଗାଧର ପାଣିଗ୍ରାହି, ସମ୍ପାଦକ ଶ୍ରୀ ଗୋପାଳ ପାତ୍ର, ସତ୍ୟ ନାରାୟଣ ପାତ୍ର, ରଶ୍ମିତା ସିଓ, ପ୍ରଜ୍ଞା ପରୀମିତା ପାଣିଗ୍ରାହି, ବ୍ଲକ ସପ୍ତସୂତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ତଥା ଏବିଭିପି ସଭାପତି ଜ୍ୟୋତିରଞ୍ଜନ ପାଣିଗ୍ରାହି ଓ ସହଯୋଗ କରିଥିଲେ ସମସ୍ତ ବନଗୁଡା ଗ୍ରାମବାସୀ ପରିଚଳନା କରିଥିଲେ ।

# ପିସ୍‌ଲିଲି ପ୍ରି-ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ



ଭୁବନେଶ୍ୱର : ସ୍ଥାନୀୟ ଗୁରୁକେଲୁ ଚରଣ ମହାପାତ୍ର ନୃତ୍ୟ ଗବେଷଣା କେନ୍ଦ୍ରଠାରେ ପିସ୍‌ଲିଲି ପ୍ରି-ସ୍କୁଲଏଣ୍ଡଡେ-କେୟାର ର ତୃତୀୟ ବାର୍ଷିକଉତ୍ସବ ଓ ପୁରସ୍କାର ବିତରଣସଂଯୋଜିକା ଆଦ୍ୟାଶାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେବିଶିଷ୍ଟ ଅଭିନେତ୍ରୀ ତଥା କଳାକାର ପୁଷ୍ପା ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସର୍ଜନ ଡାକ୍ତର ଜିତେନ୍ଦ୍ରସାହୁ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶୀର ସ୍ୱନାମଧନ୍ୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଉପସ୍ଥିତ ରହିବା ସହିତ ବିଦ୍ୟାଳୟର ସାମାଜିକ ଉତର ଦାୟିତ୍ୱ, ପାଠପଢ଼ା ସହିତ ଆଜିର ବିଦ୍ୟାର୍ଥୀମାନେ ପୁଳପୂଜା ଓ ଗୁରୁପରମ୍ପରାକୁ ଆଧାର କରିକିପରି ଜଣେଉତମ ନାଗରିକ ହୋଇ ପାରିବେତାହାଉପରେ ଆଲୋକପାତ କରିଥିଲେ । ପିତାମାତାସାମାଜିକ ଦାୟିତ୍ୱ ପାଳନ କରିବା ଆବଶ୍ୟକ ବୋଲି ମୁଖ୍ୟବକ୍ତାଡାକ୍ତର ସାହୁମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଦିପ୍ତିମୟୀ ନାୟକବାର୍ଷିକବିବରଣୀ ପାଠକରିବା ସହିତବିଦ୍ୟାଳୟର ସମସ୍ତଶିକ୍ଷୟିତ୍ରୀ ମାନଙ୍କୁତାଙ୍କର ଉତମମାନର କାର୍ଯ୍ୟପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେସ୍ୱାଗତନୃତ୍ୟ ଆଦ୍ୟାଶା ମେକପଙ୍କ ଦ୍ୱାରାସମ୍ପନ୍ନ ହୋଇଥିଲା । ଏହି ଅବସରରେ ବିଭିନ୍ନ ନୃତ୍ୟ, ସଙ୍ଗୀତ, ପାଠପଢ଼ାଇତ୍ୟାଦି ପାଇଁବିଦ୍ୟାର୍ଥୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁପ୍ରଧାନାଧ୍ୟକ୍ଷା ଅର୍ପିତା ଶୁକ୍ଲା, ସରସ୍ୱତୀତ୍ରିପାଠୀ, ତନୁଶ୍ରୀମଲ୍ଲିକ, ମମତା ପ୍ରିୟଦର୍ଶିନୀ, ପିନାଖୀବାରିକ ଓ ଲୋପାମୁଦ୍ରାମୋହିନୀ ପ୍ରମୁଖକାର୍ଯ୍ୟକ୍ରମ ପରିଚାଳନାକରିଥିଲେ ।

# ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସମରସିଂ ଗ୍ରାମ ପଂଚାୟତର ଭୂର୍କାଧୋଡ଼ା ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କୋମନା ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସି ଡି ଏମ୍ ଓ ଡଃ ଧନେଶ୍ୱର ସେଠୀ , ବିଡ଼ିଓ ପବିତ୍ର କୁମାର ସାମଲ, ସ୍ଥାନୀୟ ସରପଂଚ ଉପେନ୍ଦ୍ର ରଣା ପ୍ରମୁଖ ଅତିଥି ହିସାବରେ ଯୋଗ ଦେଇ ଥିଲେ । ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ କ୍ଷ ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା କ୍ରିତିକାଂଶି ଦାସ ଓ ଧନେଶ୍ୱରୀ ସାହୁକୁ କୋଳରେ ଧରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୁଇ ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଚାରି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହି ଅବସରରେ, ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା । ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି । ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ବାପା ମାଁ ମାନଙ୍କୁ କହିଥିଲେ । ସେହିପରି , ଗାଁ କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ, ଆଠ ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ରେ ୧୦୦ ଦିନରୁ ଅଧିକ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଦୁଇଟି ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଗିରିଧାରି ମାଝୀ, ହୀରାକାନ୍ତି ନାଗ ଓ ସୁଲୋଚନା ଶବରଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁ କାଳୀନ ସହାୟତା ଓ ଯାଇମଣୀଙ୍କୁ ୧୦, ୦୦୦ ଟଙ୍କା ମାତୃତ୍ୱ ସହାୟତା ପ୍ରଦାନ କରା ଯାଇଥିଲା । ଏହି ଅବସରରେ, ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ବାସ, ଖାଦ୍ୟ ,ଜଳ ଯୋଗାଇ ଦେଇଥିଲେ । ଶେଷରେ, ଜିଲ୍ଲାପାଳ ଓ ଅଧିକାରୀ ମାନେ ପ୍ରବାସୀ ଶ୍ରମିକ ଦେବଶିଂ ମାଝୀଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏହାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବିରକୁ କୋମନା ବିଡ଼ିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ ।

# ଫୁଲବାଣୀ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନରେ ଆଇନ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀଙ୍କ ପକ୍ଷରୁ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ (ଆଇଟିଆଇ), ଫୁଲବାଣୀ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀଯୁକ୍ତ ରାଜେଶ ଦାଶ, ଏଫ.ଟି.ଏସ.ସି. କୋର୍ଟ ବିଚାରପତି ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସ୍ୱାଇଁ, ବନାଲି ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ ପ୍ରିୟ ରଞ୍ଜନ ଓଝା, ମହିଳା ଅଦାଲତ ବିଚାରପତି ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର, ଏସ.ଡି.ଯେ.ଏମ. ଶ୍ରୀମତୀ ସୌମ୍ୟା ସୋନାଲିକା, ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସ୍ଲେ ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍‌ସେଲ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନ୍‌ସେଲ କେ. ଲକ୍ଷ୍ମୀ ନାରାୟଣ ଦୋରା ଓ ଶୁଭାଙ୍ଗୀ ହାରିତସ୍ୟ, ଡି.ଏସ.ପି ସୁନିଲ ଅରୁଣ କୁମାର ନାୟକ, ସହକାରୀ ଶ୍ରମ ଅଧିକାରୀ, ଫୁଲବାଣୀ ବିଶ୍ୱରଞ୍ଜନ କହଁର ଓ ଦେବାଶିଷ କହଁର, ଜିଲ୍ଲା କୋର୍ଟ ଫୁଲବାଣୀର ମହିଳା କର୍ମଚାରୀ, କନ୍ଧମାଳ ଜିଲ୍ଲା ପ୍ରଶାସନର କର୍ମଚାରୀ, ଫୁଲବାଣୀ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରୀବୃନ୍ଦ ଏବଂ ମହିଳା ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହିଳା ଓ କନ୍ୟାଶିଶୁଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ବିଶେଷତଃ ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ, ପି.ସି.ପି.ଏନ.ଡି.ଟି ଆଇନ, ପୋକ୍ସୋ ଆଇନ, ପୀଡ଼ିତା କ୍ଷତିପୂରଣ ଯୋଜନା ସହିତ ଅନ୍ୟାନ୍ୟ ମହିଳା ସମ୍ପର୍କିତ ଆଇନ ବିଷୟରେ ସଚେତନ କରାଯାଇଥିଲା ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗିତାରେ କିଛି ଯୋଗ୍ୟ ହିତାଧିକାରୀଙ୍କୁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀର ଅଧ୍ୟକ୍ଷ, ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ନିମନ୍ତ୍ରିତ ଅଧିକାରୀ ମାନଙ୍କ ଦ୍ୱାରା ଜଣେ ହିତାଧିକାରୀଙ୍କୁ ମାତୃତ୍ୱ ସହାୟତା, ଦୁଇଜଣ ହିତାଧିକାରୀଙ୍କୁ ବିବାହ ସହାୟତା, ଚାରି ଜଣ ହିତାଧିକାରୀଙ୍କୁ ଶ୍ରମ କାର୍ଡ ବଂଟନ କରାଯାଇଥିଲା ଏବଂ ତିନି ଜଣ ହିତାଧିକାରୀଙ୍କୁ ଚାଲିବ ପାଇଁ ସହାୟକ ହେଉଥିବା ବାଡି ବଂଟନ କରାଯିବା ସହିତ ଆଇ.ସି.ଡି.ଏସ କାର୍ଯ୍ୟକର୍ତାଙ୍କୁ ପୁରସ୍କୃତ କରାଯାଇଥିଲା ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି : କାଲିମେଲା ବ୍ଲକ ଭୁବନପାଲ୍ଲୀ ଗ୍ରାମ ପଂଚାୟତ ଠାରେ 'ଯୁଗ୍ମ ଜନ ଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନ ଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍,ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଓ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେଓ ଶିବିରରେ ସମୁଦାୟ ୫୨ ଟି ଅଭିଯୋଗ ଗୁଡ଼ିକର ଶୁଣାଣୀ ହୋଇଥିଲା । ତନ୍ମଧ୍ୟରୁ ୧୦ ଟି ବ୍ୟକ୍ତିଗତ ଓ ୪୨ ଟି ଗ୍ରାମ୍ୟ ସମସ୍ୟା ରହିଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ, ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ସେଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ରକ୍ତଦାନ ଶିବିର ଆୟୋଜିତ

ଜୟପୁର : ସି ଆର ପି ଏଫ୍ ତରଫରୁ ସି ଆର ପି. ଏଫ. ର ୮୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୁନାବେଡା ସ୍ଥିତ ୨୦୨ କୋବ୍ରା ବାଟାଲିୟନ ପରିସରରେ ଏକ ' ସ୍ୱେଚ୍ଛାକୃତ ରକ୍ତଦାନ ଶିବିର' ଆୟୋଜିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ବରିଷ୍ଠ କମାଣ୍ଡକ୍ଷଂଟ ଅମିତ୍ କୁମାର ପ୍ରଜ୍ୱଳନ କରି ଶିବିର ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଦ୍ୱିତୀୟ କମାଣ୍ଡଂଟ ରବୀନ୍ଦ୍ର ସିଂ ପ୍ରଥମେ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ । ଡେପୁଟୀ କମାଣ୍ଡକ୍ଷନ୍ଟ ଡ଼ାଃ ଏମ ବିନୟ କୁମାର ମଧ ରକ୍ତଦାନ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀ କୁମାର ରକ୍ତଦାନ ଦ୍ୱାରା ଆମର ଫାଇଦା ହେଇ ଥାଏ ଓ କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ବିଷୟ ରେ ବୁଝାଇଥିଲେ ।ଅନ୍ୟମାନଙ୍କ ମଧରେ କମାଣ୍ଡକ୍ଷଂଟ ରକ୍ଷଜୁକୁମାର ସିଂ , ଡେପୁଟି କମାଣ୍ଡକ୍ଷଂଟ ଡ଼ାଃ ଶେଖ୍ ଇମ୍ରକ୍ଷନ୍, ଡ଼ାଃ ଭିସଣ୍ଡେର ଓ ଏଫ୍ ବି ଡି ଓ ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସହୀଦ ଲକ୍ଷ୍ମଣ ନାୟକ ବ୍ଲଡ ସେଂଟର୍ ଅଫିସର ଡଃ ଏମ୍ ଏସ. ବଳିଆରସିଂହ ଓ ଓଡ଼ିଶା ରକ୍ତଦାତା ମହାସଂଘର ପ୍ରଦୀପ କୁମାର ତ୍ରିପାଠୀ ତତ୍ତ୍ୱାବଧାନରେ ବ୍ଲଡ ସେଂଟରର ରକ୍ତ ସଂଗ୍ରହକାରୀ ଦେବବ୍ରତ ଦାସ, ଗୀତା ପରିଡ଼ା, ରବୀନ୍ଦ୍ର ମିଶ୍ର, ଅଜିତ ଗୌଡ଼ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରରେ ବହୁସଂଖ୍ୟାରେ ଯବାନ ସ୍ୱେଚ୍ଛାକୃତ ଭାବେ ପ୍ରଥମ ଥର ପାଇଁ ରକ୍ତଦାନ ରକ୍ତଦାନ କରିଥିଲେ । ଉକ୍ତ ଶିବିର କୁ ଡ଼ଃ ଏମ୍ ବିନୟ କୁମାର ଓ ପ୍ରଦୀପ ତ୍ରିପାଠୀ ପରିଚାଳନା କରିଥିଲେ । ଉକ୍ତ ଶିବିରରୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାର ଦ୍ୱାରା ୪ଜଣ ଦମ୍ପତିଙ୍କ ସମେତ ସର୍ବମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ୬ ଜଣ ମହିଳା ଏହି ଶିବିରରେ ରକ୍ତଦାନ କରିଥିଲେ ।ରକ୍ତ ଶିକୁଳି ରୋଗୀମାନଙ୍କ ପାଇଁ ରକ୍ତ ର ଘୋର ଆବଶ୍ୟକତା ସମୟ ରେ କୋବ୍ରା ବାଟାଲିୟନ (ସ୍ୱେଚ୍ଛାସେବୀ ମାନଙ୍କ )ଏହି ମହନୀୟ କାର୍ଯ୍ୟକୁ ଓଡ଼ିଶା ରକ୍ତଦାତା ମହାସଂଘ ର ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଖୁବ୍ ପ୍ରଶଂସା କରିଥିଲେ । ଓଡିଶା ରକ୍ତଦାତା ମହାସଂଘ ତରଫରୁ ଆୟୋଜକ ଡ଼ଃ ସେକ ଇମ୍ରକ୍ଷନ୍ ଡେପୁଟୀ କମାଣ୍ଡକ୍ଷନ୍ଟଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକ ସମ୍ପନ୍ନ

## ✦ନୂତନ ଶିକ୍ଷଣ ପୁସ୍ତିକା 'ଛବି ଦେଖି ଶିଖିବା' ଉନ୍ମୋଚିତ

ଭଦ୍ରକ : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ **(DPMU)** ର ଦ୍ୱିତୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଦିଲୀପ ରାଉତରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ , ବିଭିନ୍ନ ଶୈକ୍ଷିକ ପ୍ରକଳ୍ପର ଅଗ୍ରଗତି ,ଶ୍ରେଣୀ ଗୃହ ପର୍ଯ୍ୟବେକ୍ଷଣ , ସ୍ୱଟ୍ ଆସେସମେଂଟ ଶିକ୍ଷା ସୋପାନ ଓ ନିପୁଣ ବିଦ୍ୟାଳୟ: ବିଦ୍ୟାର୍ଥୀମାନଙ୍କର ବିଭିନ୍ନ ଦକ୍ଷତା ବୃଦ୍ଧି ପାଇଁ 'ଶିକ୍ଷା ସୋପାନ' ଏବଂ 'ନିପୁଣ ବିଦ୍ୟାଳୟ' କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା , ଜିଲ୍ଲାରେ ପଠନ ଅଭ୍ୟାସ ବୃଦ୍ଧି ପାଇଁ 'ରିଡିଂ ପ୍ରମୋସନ କ୍ୟାମ୍ପେନ' ଏବଂ ଶିଶୁ ବାଟିକାର ସଫଳ ରୂପାୟନ , ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉତଗଟ ପାଣ୍ଠିର ସଠିକ୍ ବିନିଯୋଗ ପାଇଁ ଶିକ୍ଷଣ ସହାୟକ ପୁସ୍ତିକା 'ଛବି ଦେଖି ଶିଖିବା , ଉପରେ ଆଲୋଚନା ହୋଇଥିଲା ।

# ଜୟପୁରରେ ଲୋକ ଅଧିକାର ଯାତ୍ରା

ଜୟପୁର : ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଗତ ୨୫ ଫେବୃଆରୀରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ପୀଠରୁ ଲୋକ ଅଧିକାର ଯାତ୍ରା ବାହାରି ଗତକାଲି ମାଲକାନଗିରି ଯାଇ ଜିଲ୍ଲାର ବିଭିନ୍ନ ଆଦିବାସୀ ଓ ନାଗରିକ ସଂଗଠନର କର୍ମକର୍ତା ଓ ପ୍ରସ୍ତାବିତ ଖଣି ଖନନ ଦ୍ୱାରା ଆତଙ୍କିତ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ ।ଆଜି ଜୟପୁରରେ ପହଂଚି ସାମ୍ବାଦିକ ସମ୍ମିଳନୀରେ ଏହି ଯାତ୍ରାର ନେତୃତ୍ୱ ନେଉଥିବା ଗ୍ରୀନ ନୋବେଲ ବିଜେତା ତଥା ଲୋକ ଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା କହିଲେ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲା ଆବିଚରିତ ଖଣି ଖନନ ଦ୍ୱାରା ପ୍ରାକୃତିକ ସମ୍ବଳ ଶୂନ୍ୟ ହେବାକୁ ଯାଉଛି ।ଏହାଦ୍ୱାରା ଅତି ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲ ସମ୍ପଦ ନଷ୍ଟ ହେବାସହ ଜଳ ଉତ୍ସ ଗୁଡ଼ିକ ଶେଷ ହୋଇଯିବ । ମାଲିକନାଗିରି ଜିଲ୍ଲାରେ ସାବେରୀ ନଦୀ କୂଳରେ ପାଂଚ ହଜାର ଏକର ଦୁଇଟି ବୃହତ ଜଙ୍ଗଲ ଉତ୍କଳଭାଗ ଓ କେଟାମେଟା ଉଜୁଡ଼ିଯିବ । ଯାହାଦ୍ୱାରା ହଜାର ହଜାର ଗ୍ରାମବାସୀ ଜୀବିକା ହରାଇବେ ଓ ଧୂଳି ଧୂଆଁରେ ଜୀବନ ଦୁର୍ବିସହ ହେବ ଓ ସାବେରୀ ନଦୀ ମଧ ପୋତି ହୋଇଯିବା ସହ ପ୍ରଦୂଷିତ ହେବ । ମାଳି ପର୍ବତ ଓ ନାଗେଶ୍ୱରୀ ପାହାଡ଼ରେ ବକ୍ସାଇଟ ଖନନ କୋଲାବ ନଦୀକୁ ପୋତି ପକାଇବ । ଅର୍ଥାତ୍ ସାବେରୀ ନଦୀ ଜଳଶୂନ୍ୟ ହୋଇଯିବ ।ବିଭିନ୍ନ ନଦୀରୁ ବାଲି ଚୋରି ନଦୀଗୁଡ଼ିକର ସ୍ୱରୂପ ବଦଳାଇଦେବା ସହ ନଦୀ ଗୁଡ଼ିକୁ ଧ୍ୱଂସ କରିଦେବ ।ଆମେ ସରକାର ଓ ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀକୁ ଆହ୍ୱାନ କରୁଛୁ ଯେ, ପ୍ରଚଳିତ ଉଗ୍ର ଖଣି ଭିତିକ ଶିଳ୍ପାୟନ ରାଜ୍ୟକୁ ସମ୍ବଳହୀନ କରିବ, ତେଣୁ ବିକଳ୍ପ ନିରନ୍ତର ବିକାଶ ପାଇଁ ନୀତି ନିର୍ଦ୍ଧାରଣ କରିବାକୁ ବିଚାର କରନ୍ତୁ । ଏହାସହ ପ୍ରାକୃତିକ ସମ୍ବଳ ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ହେଉଥିବା ରାଷ୍ଟ୍ର ଦମନ ବନ୍ଦ କରିବାକୁ ସେ ନିବେଦନ କରିଥିଲେ । ନଚେତ ଲୋକେ ରାସ୍ତାକୁ ଆସିବାକୁ ବାଧହେବେ ବୋଲି ସେ କହିଥିଲେ । ଏହି ଯାତ୍ରା ଶେଷରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱରଠାରେ ଲୋକ ଅଧିକାର ସମାବେଶ ଆୟୋଜିତ ହେବ । ଏହି ଯାତ୍ରା ରେ ଏନ୍ ଏ ପି ଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି,ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଡାକ୍ତର ବିଶ୍ୱଜିତ୍, ଲୋକ ଶକ୍ତି ଅଭିଯାନର ସମ୍ପାଦକ କଲ୍ୟାଣ ଆନନ୍ଦଙ୍କ ସମେତ ଚାଷୀ ମୂଲିଆ ଆଦିବାସୀ ସଂଘର ନେତା ନାଚିକା ଲିଙ୍ଗା,ଗାନ୍ଧୀବାଦୀ ବିଜୟ ସିଙ୍କୁ, ସମଦୃଷ୍ଟି ମିଡ଼ିଆ ପ୍ରତିନିଧି ସୁକାନ୍ତ ପ୍ରଧାନ, ଯୁବ ନେତା ଲକ୍ଷ୍ମଣ ନାୟକ, ଜୟ କିଶାନ ଆନ୍ଦୋଳନର ନେତା କିଶୋର ସାହୁ, ସୁରେନ୍ଦ୍ର ଭୂୟେ, ବିରଂଚି ମହାକୁଡ, ସମାଜବାଦୀ ଜନ ପରିଷଦର ନେତା ରାଜକିଶୋର, ସୁରେଶ ସଂଗ୍ରାମ, ଉପେନ୍ଦ୍ର ଦ୍ରାବିଡ଼ ପ୍ରମୁଖ ସାମିଲ ହୋଇଛନ୍ତି । ଜୟପୁରରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, କୃଷକ ନେତା ଯୁଧିଷ୍ଠିର ରାଉଳ, ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଯୁବ ସଂଘ ନେତା ପ୍ରଦୀପ ସେଠୀ ଓ କୁମର ଜାନି ପ୍ରମୁଖ ଏହି ଯାତ୍ରାକୁ ସ୍ୱାଗତ କରିଥିଲେ । ଯାତ୍ରୀମାନେ ଶହୀଦ ଲକ୍ଷ୍ମଣ ନାୟକ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

# ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀରର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବଲାଙ୍ଗୀର : ୧୯୭୬ ମେଟ୍ରିକୁଲେସନ ବ୍ୟାଚ ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀରର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଅଛି । ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲର ସେଂଟିନେରୀ ହରେ ଉକ୍ତ ସମାରୋହଟି ପ୍ରାକ୍ତନ ଶିକ୍ଷକ, ପୂର୍ବତନ ଛାତ୍ର ଯେଉଁମାନେ ସମାଜର ବିଭିନ୍ନ ଦିଗରେ ଖ୍ୟାତି ଅର୍ଜନ କରିଚନ୍ତି ଓ ୧୯୭୬ ବେଚର ଛାତ୍ର ଓ ତାଙ୍କ ସହଧର୍ମୀଣିମାନଙ୍କ ସମାଗମରେ ସମ୍ପାଦିତ ହୋଇଛି । ପୃଥ୍ୱୀରାଜ ହାଇସ୍କୁଲ ର ୧୯୭୬ ମେଟ୍ରିକୁଲେସନ ବେଚ ଏମିତି ଏକ ବେଚ ଯହିଁ ରେ ଓଡିଶାରେ ଯେଉଁ ଦଶ ଜଣ ବେଷ୍ଟଷ୍ଟେଣ୍ଡ ବଛା ହେଉଥିଲା, ସେତେବେଳେ ଅଜିତ କୁମାର ମିଶ୍ର ପ୍ରଥମ ସ୍ଥାନ ଓ ଶରତ କୁମାର ସାମନ୍ତରାୟ ସପ୍ତମ ସ୍ଥାନରେ ଅଳଙ୍କୃତ ହୋଇଥିଲେ । ସଭା ପ୍ରାରମ୍ଭରେ ନିମନ୍ତ୍ରିତ ପୂର୍ବତନ ଶିକ୍ଷକ, କୃତି ଛାତ୍ର, ସେବାବ୍ରତୀ ଓ ବର୍ତମାନ ପ୍ରଧାନ ଶିକ୍ଷିକା ଓ ଗହଣରେ ବେଚର ସଭାପତି ଓମ୍ ପ୍ରକାଶ ଚାନ୍ଦ, ସେକ୍ରେଟେରୀ କମଲ ଚକ୍ରବର୍ତି ସରସ୍ୱତୀ ପ୍ରତିମାଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରାହେଲା । ଅନୁଷ୍ଠାନର ସଭାପତି, ସେକ୍ରେଟରୀ ଓ ଛାତ୍ରଙ୍କ ଦ୍ୱାରା ଦିବଙ୍ଗତ ଶିକ୍ଷକ ଓ ସହପାଠି ଙ୍କ ନାମ ସ୍ମରଣ କରି ତାଙ୍କ ଚିତ୍ରମାନଙ୍କ ଠାରେ ଦୀପ ଦାନ କରି ତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାହେଲା । ଉପସ୍ଥିତ ପ୍ରାଣବନ୍ଧୁ ନାୟକ, ଘାସିରାମ ବିଶାଲ, ଶ୍ୟାମ ସୁନ୍ଦର ଉଦ୍ଗାତା, ଆଦିକନ୍ଦ ଷଡଙ୍ଗୀ ଓ ସେବାବ୍ରତୀ ଅବିର ଷାଣ୍ଡଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ ହୋଇ ସମ୍ମାନୀତ କରାହେଲା । ପୂର୍ବତନ ଛାତ୍ର ଖ୍ୟାତି ଅର୍ଜନ କରିଥିବା ଅନୁପ ସାହୁଙ୍କୁ ତାଙ୍କର ଓଡିଶା ଭଲିବଲ ଦଳର ଅନେକ ବର୍ଷ ଅଧିନାୟକ ରହିବା ନେଇ ସମ୍ମାନିତ କରାଯାଇଥିଲା । ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ମଧ ପୃଥ୍ୱୀରାଜ ହାଇସ୍କୁଲ ରେ ଅନ୍ତେବାସୀ ଥିଲେ ଓ ତାଙ୍କ ବହୁମୁଲ୍ୟ ବକ୍ତବ୍ୟ ରଖିଲେ । ତାଙ୍କୁ ବେଚ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାହେଲା । ସଭାରେ ବର୍ତମାନର ପ୍ରଧାନ ଶିକ୍ଷିକା ସନ୍ତୋଷିନୀ ସେଠୀଙ୍କୁ ମେମେ[ୋଦେଇ ସମ୍ମାନିତ କରାହେଲା । ବିଶେଷ ଅତିଥି ଭାବେ ପ୍ରଧାନ ଶିକ୍ଷକ ସ୍ୱର୍ଗତ ହରିହର ମିଶ୍ରଙ୍କ ଧର୍ମପତ୍ନୀ ରାସେଶ୍ୱରୀ ମିଶ୍ର ଯେ କି ୯୭ ବର୍ଷ ବୟସରେ ମଧ ଲେଖା ଲେଖିରେ ବ୍ୟସ୍ତ ଅଛନ୍ତି ଓ ଅନେକ ସାରସ୍ୱତ ସମ୍ମାନରେ ଭୂଷିତ । ସଭା ପ୍ରାରମ୍ଭରେ ସଭାପତିଙ୍କ ଭାଷଣରେ ସେ ଦିନ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଉପସ୍ଥିତ ନାରୀ ଶକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଗୁରୁମାଙ୍କୁ ସେଭଳି ଏକ ଦିବସରେ ସମ୍ମାନିତ କରି ଆମେ ଗର୍ବିତ ଓ ତାଙ୍କର ଶୁଭାଶିଷ ଓ ଆଶିର୍ବଚନ ଲାଭ କଲେ । ପରିବାର ସହିତ ଏଠିକାର ଓ ଅନେକ ଦୂରରୁ ଆସିଥିବା ସହପାଠୀମାଙ୍କୁ ଗୁରୁମାନଙ୍କ ହାତରୁ ମେମେଂଟୋ ବଂଟନ ଓ ତାଙ୍କର ପରିଚିତ ପର୍ବ ସମ୍ପନ୍ନ ହେଲା । ପଚାଶ ବର୍ଷର ସ୍ମୃତିକୁ ସାଇତି ରଖିବା ପାଇଁ ଏକ ସ୍ମରଣିକା "ସ୍ମୃତି ଫର୍ଦ୍ଦ" ର କଭର ଉନ୍ମୋଚନ ହେଲା ।





# ସମବାୟ ଅଧିକାରୀଙ୍କ ଖାମଖିଆଲି ନୀତି: ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଂଚିତ ହେବେ

ବ୍ରହ୍ମପୁର(ନିପ୍ର): ଚଳିତ ବର୍ଷ ଗଂଜାମ ଜିଲ୍ଲାରେ ୧ଲକ୍ଷ ୫୬ ହଜାର ଚାଷୀ ପଞ୍ଜିକରଣ କରିଥିବା ବେଳେ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଧାନ କିଣା ଯାଇଛି । ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ ଲକ୍ଷ କ୍ୟୁଂଟାଲ ଧାନ କିଣାଯାଇଥିବା ବେଳେ ଗତ ବର୍ଷ ୧ ଲକ୍ଷ ୨୯ ହଜାର ଚାଷୀଙ୍କ ଠାରୁ ୫୮ ଲକ୍ଷ କ୍ୟୁଂଟାଲ ଧାନ କିଣାଯାଇଥିଲା । ଗତ ବର୍ଷ ଚାଷୀମାନେ ସେହି ଜମିର ପଞ୍ଜିକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକେନ୍ ଆସିଥିଲା । ଚଳିତ ବର୍ଷ ସେହି ଜମିକୁ ପଞ୍ଜୀକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ ରୁ ୨୦ ଜିଂଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଆସିଥିବାରୁ ଚାଷୀମାନେ ବାଧ ହୋଇ ବେପାରୀଙ୍କୁ ଅଧା ଦରରେ ବିକି



କ୍ଷତି ସହୁଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ଏ ବିଷୟରେ କିଛି କରିପାରିବୁ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି । ଚଳିତ ବର୍ଷ ପ୍ରାୟ ୫ ହଜାର ଚାଷୀ ପଞ୍ଜିକରଣ କରିସୁଦ୍ଧା ତାଙ୍କର ଟୋକେନ ଆସି ନଥିବାରୁ ସେମାନେ ଧାନ ବିକିବା ପାଇଁ ଅର୍ନେଇ ବସିଛନ୍ତି । ଯୋଗାଣ ଓ ସମବାୟ ଅଫିସ୍ ଧାଇଁ ଧାଇଁ ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି । ଗରିବ ଚାଷୀଙ୍କ ଦୁଃଖ ବୁଝିବାକୁ କିଏ ନାହାଁନ୍ତି । ଚଳିତ ବର୍ଷ ଧାନ ଜୁନ୍ ମାସରେ ରୁଆ ହେଲା । ତା' ପରେ ଚାଷୀମାନେ ପଞ୍ଜିକରଣ କଲେ । ସେପ୍ଟେମ୍ବର ମାସରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି । ସେହି ଚାଷୀଙ୍କ ପଞ୍ଜିକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି । ସେଟ୍‌ଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି । ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କଟେଇଛନ୍ତି ବୋଲି ସରପଂଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ଅଭିଯୋଗ କରିଛନ୍ତି । ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି । ଦୁଃଖର ବିଷୟ ଋଷିକୂଲ୍ୟା ରୟତ ମହାସଭା ତରଫରୁ ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀଙ୍କୁ ଏହି ସଂପର୍କରେ ଲିଖିତ ଭାବେ ବାରମ୍ବାର ଜଣାଇଲେ ସୁଦ୍ଧା ଟୋକେନ୍ ବାଦ ପଡ଼ିଥିବା ଚାଷୀଙ୍କ କିପରି ଟୋକେନ୍ ଆସିବ, ସେଥିପାଇଁ ସମବାୟ ଅଧିକାରୀ ସରକାରଙ୍କୁ ଚିଠି ନ ଲେଖି ନୀରବ ରହିଛନ୍ତି । ଜିଲ୍ଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଏକର ପିଛା ୩୦ କ୍ୱିଂଟାଲ ଧାନ ଅମଳ ହୋଇଛି, ସେଥିରୁ ମାତ୍ର ୪୦ ଭାଗ ଧାନ କିଣାଯାଉଛି, ପୁଣି ଜମି ତୁଳନାରେ କମ୍ ? ? ପରିମାଣ ଆସୁଛି । ଜଣେ ମଧ ଯୋଗ୍ୟ ଚାଷୀ ଧାନ ବିକାରୁ ବଂଚିତ ହେବେ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ଘୋଷଣା କରୁଛନ୍ତି । ମାତ୍ର କାର୍ଯ୍ୟକାରୀ କରାଯାଉ ନାହିଁ । ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନ ଗଲେ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଂଚଳ ନାହାକ ମହାସଭା ତରଫରୁ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଶିଶୁରୋଗ ବିଶେଷଜ୍ଞଙ୍କ ଯୋଗଦାନ

ବୈଶିଙ୍ଗା(ନିପ୍ର): ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ମାନଙ୍କରେ ୧୯୩ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ସମେତ ଡାକ୍ତର ମାନଙ୍କର ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞ ଭାବେ ଆଜି କାର୍ଯ୍ୟରେ ଯୋଗଦେଲେ ଡ. ସତ୍ୟନାରାୟଣ ପାତ୍ର । ପୂର୍ବରୁ ବେତନଟୀ ଡାକ୍ତରଖାନାରେ ଭେଷଜ (ମେଡିସିନ), ଶଲ୍ୟ (ସର୍ଜରୀ) ଏବଂ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ପାଇଁ ଅଂଚଳବାସୀଙ୍କ ଦାବି ରହିଆସିଥିଲେ । ଅଂଚଳବାସୀଙ୍କ ଦାବିକୁ ପ୍ରାଥମିକତା ଦେଇ ବଡସାହି ମାନ୍ୟବର ବିଧାୟକ ସନାତନ ବିଜୁଳି ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ. ମୁକେସ ମହାଲିଙ୍ଗଙ୍କ ସହିତ ଆଲୋଚନା ପୂର୍ବକ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି । ତଦନୁଯାୟୀ ଆଜି ବେତନଟୀ ଡାକ୍ତରଖାନରେ ଶିଶୁରୋଗ ବିଶେଷଜ୍ଞ ଭାବେ ଡ. ସତ୍ୟନାରାୟଣ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶିଶୁରୋଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଅଂଚଳବାସୀ ମାନ୍ୟବର ବିଧାୟକ ସନାତନ ବିଜୁଳିଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ସ୍ୱାଗତ ଜଣାଇଛନ୍ତି ।

# ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବର ପ୍ରଥମ ପ୍ରସ୍ତୁତି ବୈଠକ

ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଶ୍ରୀ ଶ୍ରୀ ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ସଭାପତି ଲକ୍ଷ୍ମଣ ଚରଣ ଦଳେଇ ସଭାପତିତ୍ୱ କରିଥିଲେ । ନିଖିରା ଗ୍ରାମର ଆଖ ପାଖ ପ୍ରାୟ ୧୩ ମୌଜାର ସମସ୍ତ ଗ୍ରାମରୁ ସଦସ୍ୟମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପବିତ୍ର ଚଡ଼କ ପର୍ବ ଆରମ୍ଭ ହୋଇ ୧୩ ଦିନ ବ୍ୟାପି ପାଳିତ ହେବ । ଚଳିତ ବର୍ଷ ପ୍ରସିଦ୍ଧ ଚଡ଼କ ପର୍ବକୁ ଧୁମ୍ ଧାମରେ ପାଳନ କରାଯିବା ନେଇ ବୈଠକରେ ନିଷ୍ପତି ନିଆଯାଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଚଡ଼କ ମେଳା କମିଟିର ବରିଷ୍ଠ ସଦସ୍ୟ ସଦାଶିବ ବେହେରା, ନବକୃଷ୍ଣ ଦାସ, ନୂତନ କୋଷାଧ୍ୟକ୍ଷ ଅନନ୍ତ ଭୂୟାଁ, ପ୍ରହ୍ଲାଦ ଚରଣ ଜେନା, ହରିଶ୍ଚନ୍ଦ୍ର ଗିରି, ପୂର୍ବତନ ପାଟ ଭକ୍ତ ନଗେନ୍ଦ୍ର ଭୂୟାଁ ପ୍ରମୁଖ ଅନ୍ୟ ସଦସ୍ୟ ମାନେ ତଥା ମନ୍ଦିର ର ପୂଜକ ହିମାଂଶୁ ମହାପାତ୍ର, ସୁଧାଂଶୁ ମହାପାତ୍ର ଓ ଅନ୍ୟାନ୍ୟ ବ୍ରାହ୍ମଣ ସମାଜ ଉପସ୍ଥିତ ଥିଲେ ।

# ବିଜେପିର ଶକ୍ତି ବୃଦ୍ଧି, ଅନ୍ୟ ଦଳ ଛାଡ଼ି ପଦ୍ମ ଧରିଲେ ୨୦ କର୍ମୀ




ଧାମନଗର(ନିପ୍ର): ସରକାରଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ଧାମନଗର ର ୨୦ ରୁ ଅଧିକ ସକ୍ରିୟ କର୍ମୀ ବିଭିନ୍ନ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ଫଳରେ ଧାମନଗର ରେ ବିଜେପି ରେ ଧିରେ ଧୀରେ ଶକ୍ତି ବୃଦ୍ଧି ହେବାରେ ଲାଗିଚି । ପ୍ରକାଶ ଥାଉକି ସୋହଡ଼ା ପଂଚାୟତ ରୁ ୧୫ ଜଣ ଏବଂ ଆନନ୍ଦପୁର ପଂଚାୟତ ରୁ ୫ ଜଣ କର୍ମୀ ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ବିଧିବଦ୍ଧ ଭାବେ ପଦ୍ମ ଧରିଛନ୍ତି । ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଆଁସ ସ୍ଥିତ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମନ୍ତ୍ରୀ ଓ ଦଳୀୟ ବରିଷ୍ଠ ନେତାମାନେ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ନାରା ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦକ୍ଷ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ସେମାନେ ବିଜେପିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ଫଳରେ ଧାମନଗରରେ ବିଜେପି ସଂଗଠନ ଆହୁରି ମଜଭୁତ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ତେବେ ବିଜେଡି ଓ କଂଗ୍ରେସ ର ନେତୃତ୍ୱ ଧୀରେ ଧୀରେ ସିଥଳ ହେଉଥିବା ବେଳେ ବିଜେପି ର ସ୍ଥିତି ସୁଦୃଢ଼ ହେଉଥିବା ଦେଖିବାକୁ ମିଳିଛି ।

# କେନ୍ଦ୍ରୀୟ ଶିଳ୍ପ ନିରାପତା ବାହିନୀର ୫୭ତମ ପ୍ରତିଷ୍ଠା ଦିବସ ପାଳିତ

ପାରାଦୀପ(ନିପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ର କେନ୍ଦ୍ରୀୟ ଶିଳ୍ପ ନିରାପତା ବାହିନୀ (ସିଆଇଏସଏଫ) କମ୍ପ୍ଲେକ୍ସରେ ଏହାର ୫୭ତମ ପ୍ରତିଷ୍ଠା ଦିବସ ମାର୍ଚ୍ଚ ୧୦ ତାରିଖ ମଙ୍ଗଳବାର ଦିନ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଧ କହିଥିଲେ ଯେ ବନ୍ଦରର ଅଭୂତପୂର୍ବ ଅଭିବୃଦ୍ଧିରେ କେନ୍ଦ୍ରୀୟ ଶିଳ୍ପ ନିରାପତା ବାହିନୀ (ସିଆଇଏସଏଫ) ର ଅପରିହାର୍ଯ୍ୟ ଅବଦାନ ଏବଂ ଏକ ବିଶ୍ୱସ୍ତରୀୟ 'ବୃହତ ବନ୍ଦର' ଭାବରେ ଏହାର ଭବିଷ୍ୟତ ପାଇଁ ଏକ ମହତ୍ୱାକାଂକ୍ଷୀ ଦୃଷ୍ଟିକୋଣକୁ ରୂପରେଖା ଦିଆଯାଇଛି । ବନ୍ଦର ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ୯% ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର ହାସଲ କରିଛି, ଯାହା ଜାତୀୟ ହାରାହାରିକୁ ଦ୍ୱିଗୁଣିତ କରିଛି । ବନ୍ଦରର ଦ୍ୱାରଗୁଡ଼ିକ ଭାରତର 'ଅର୍ଥନୈତିକ କରିଡର' ବୋଲି ସ୍ୱୀକାର କରି, ପାରାଦୀପ ବନ୍ଦରର ଉନ୍ନତ ସୁରକ୍ଷା ଭିତିଭୂମିରେ ଉଲ୍ଲେଖନୀୟ ନିବେଶ କରୁଛି । ପଣ୍ୟ ପରିଚାଳନକୁ ସୁବ୍ୟବସ୍ଥିତ କରିବା ପାଇଁ ଏଆଇ-ଆଧାରିତ ଗେଟ୍ ମ୍ୟାନିଂ, ମେସିନ୍ ଲର୍ଣ୍ଣିଂ-ଲିଙ୍କ୍ଡ ପରିଚାଳନା ଏବଂ ଏକ କ୍ୟୁଆର କୋଡ୍ ସିଷ୍ଟମ ପାଇଁ ଯୋଜନା ଚାଲିଛି । ୭୨ ରୁ ଉର୍ଦ୍ଧ ହାଇ-ଡେଫିନେସନ୍ କ୍ୟାମେରା ସହିତ ସଜ୍ଜିତ ଏକ ଅତ୍ୟାଧୁନିକ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ବର୍ତମାନ ସମଗ୍ର ବନ୍ଦର କ୍ଷେତ୍ରର ବ୍ୟାପକ ତଦାରଖ ପ୍ରଦାନ କରୁଛି । ପାରାଦୀପ ବନ୍ଦର ସିଆଇଏସଏଫ ଶକ୍ତିକୁ ୨୦% ବୃଦ୍ଧି କରିବା ଏବଂ କର୍ମଚାରୀଙ୍କ ଆରାମ ଏବଂ ପ୍ରଭାବଶାଳୀତା





ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କ୍ୱିକ୍ ରିଆକ୍ସନ୍ ଟିମ୍ ଯାନ ଏବଂ ଆଧୁନିକୀକରଣ ବାରାକ୍ ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି । ଏହା ଉପରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରଣାଧ ଗୁରୁତ୍ୱାରୋପ କରିଥିଲେ ଯେ ପାରାଦୀପ ବନ୍ଦରକୁ ଏକ ବିଶ୍ୱସ୍ତରୀୟ ମେଗା ବନ୍ଦରରେ ପରିଣତ କରିବା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ସିଆଇଏସଏଫ ମଧ୍ୟରେ ନିରନ୍ତର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ବାହିନୀର ସ୍ୱଚ୍ଛତା ଏବଂ ବୃତିଗତତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଅନୁରୋଧ କରିଥିଲେ, ଯାହା ଦ୍ୱାରା ବନ୍ଦର ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଇଞ୍ଜିନ ଭାବରେ ରହିବ ତାହା ନିଶ୍ଚିତ ହୋଇପାରିବ । ଏହି କାର୍ଯ୍ୟକ୍ରମକୁ ସିଆଇଏସଏଫ ଅଗ୍ନିଶମ ବିଭାଗର ଡେପୁଟି କମାଣ୍ଡାଂଟ ମନୋଜ ଚୌହାନଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଏହି ଅବସରରେ, ସିଆଇଏସଏଫ କର୍ମଚାରୀମାନେ ଏକ ପ୍ରଭାବଶାଳୀ ଡଗ ସୋ ପ୍ରଦର୍ଶନ ଏବଂ ସେମାନଙ୍କର ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ପ୍ରଦର୍ଶନ କରିଥିଲା । ଏଥିରେ ପାରାଦୀପ ବନ୍ଦର ବରିଷ୍ଠ ଅଧିକାରୀ, ସିଆଇଏସଏଫ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ(ନିପ୍ର): ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲା ସ୍ତରୀୟ ଟାକ୍ସ ଫୋର୍ସ, ଚାଇଲଡ ହେଲ୍ପଲାଇନ ବୋର୍ଡ଼ର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିମନ୍ତ୍ରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ ଆଉଟ ଥିବା ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଜିଲ୍ଲାରେ ଥିବା ଡ୍ରପ ଆଉଟ ଶିଶୁଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଉଛି । ଅଦ୍ୟାବଧି ୧୩୦୦ରୁ ଉର୍ଦ୍ଧ୍ୱ ଶିଶୁମାନଙ୍କୁ ବିଦ୍ୟାଳୟ ପାଠପଢା ସହିତ ଯୋଡ଼ା ଯାଇଛି ବୋଲି ଶିକ୍ଷା ବିଭାଗ ଅଧିକାରୀ ମତବ୍ୟକ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇ ଥିବେ ତାର ତାଲିକା ଦେବେ । ଜିଲ୍ଲାରେ ସାମସ୍ ପୋର୍ଟାଲ ଉପରେ ପିତାମାତାଙ୍କୁ ଅବଗତ



କରିବା ନିମନ୍ତେ ବିଦ୍ୟାଳୟ ସ୍ତରରେ କର୍ମଶାଳା ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା । ସେହିପରି ଜିଲ୍ଲାରେ ଥିବା ଔଷଧ ଦୋକାନ ଗୁଡିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସି ଟିଭି ଲଗାଇବା ସହିତ ଏଚ, ଏଚୱାନ, ଏକ୍ସ ଡ୍ରଗ ଗୁଡିକର ବିକ୍ରିବଟା ମନିଟରିଙ୍ଗ କରାଯିବାକୁ ଯାଇ ସମ୍ପୃକ୍ତ ବିଭାଗ ଏହି ବର୍ଷ ୩୨ ଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ସେହିପରି ଜିଲ୍ଲାରେ ଥିବା ପ୍ରତି ବିଦ୍ୟାଳୟର ୧୦୦ ଗଜ ମଧ୍ୟରେ ମାଦକ ଦ୍ରବ୍ୟ ନିଷେଧ ବିଦ୍ୟାଳୟ ଠାରେ ଏକ ସର୍ବସାଧାରଣ ସୂଚନା ଫଳକ ଲଗାଇବାକୁ ନିଷ୍ପତି ହୋଇଥିଲା ।

# କରିଡରରେ ଟ୍ରାକ୍ସନ୍ ଅପଗ୍ରେଡ୍ ଓ ଡିଜିଟାଲ୍ ଯୋଗାଯୋଗ ପାଇଁ ୭୬୫ କୋଟି ଟଙ୍କାରୁ ଅଧିକ ଅନୁମୋଦନ

ନୂଆଦିଲ୍ଲୀ: ଭାରତୀୟ ରେଳ ଏହାର ନେଟୱାର୍କର ପ୍ରମୁଖ ବିଭାଗଗୁଡ଼ିକରେ କାର୍ଯ୍ୟକୁ ସୁଦୃଢ଼ କରିବା, ଲାଇନ କ୍ଷମତା ବୃଦ୍ଧି କରିବା ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ୭୬୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ପ୍ରମୁଖ ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନୟନ ପ୍ରକଳ୍ପକୁ ମଞ୍ଜୁର କରିଛି । ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୁଇଟି ଅଧିକ-ଯାତାୟତ ମାଲ ପରିବହନ ଏବଂ ଯାତ୍ରୀ କରିଡରରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମର ଉନ୍ନତିକରଣ ଏବଂ ପଶ୍ଚିମ ରେଳବାଇର ଭଦୋଦରା ଏବଂ ମୁମ୍ବାଇ କେନ୍ଦ୍ରୀୟ ଡିଭିଜନରେ ଅପ୍ଟିକାଲ୍ ଫାଇବର ଯୋଗାଯୋଗ ନେଟୱାର୍କର ଏକ ପ୍ରମୁଖ ବିସ୍ତାର ଅନ୍ତର୍ଭୁକ୍ତ । ଦୁଭାଡ଼ା-ବିଶାଖାପାଟଣା-ବିଜୟନଗରମ୍ ବିଭାଗରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମର ନବୀକରଣ ପୂର୍ବତଟ ରେଳପଥର ୧୦୬ କିଲୋମିଟର ଲମ୍ବ ଦୁଭୱାଡା-ବିଶାଖାପାଟଣା-ବିଜୟନଗରମ୍ ସେକ୍ସନରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମ୍କୁ ଅପଗ୍ରେଡ୍ କରିବା ପାଇଁ ଭାରତୀୟ ରେଳବାଇ ୩୧୮.୦୭ କୋଟି ଟଙ୍କା ମଞ୍ଜୁର କରିଛି । ଏହି ସେକ୍ସନ୍କୁ ବର୍ତମାନର ୧x୨୫ କେଭି ସିଷ୍ଟମ୍ରୁ ଅଧିକ ଉନ୍ନତ ୨x୨୫ କେଭି ସିଷ୍ଟମ୍କୁ ଅପଗ୍ରେଡ୍ କରାଯିବ, ଯାହା ଫଳରେ ମାଲ ପରିବହନ ବୃଦ୍ଧି ଏବଂ ଏହି ଉଚ୍ଚ-ଘନତା କରିଡରରେ ଅଧିକ ନିର୍ଭରଯୋଗ୍ୟତା ସମ୍ଭବ ହେବ । ବ୍ୟସ୍ତବହୁଳ ହାଓଡ଼ା-ଚେନ୍ନାଇ ରୁଟ୍ରେ ଅବସ୍ଥିତ, ଏହି ସେକ୍ସନ୍ ଓଡ଼ିଶା ଏବଂ ଛତିଶଗଡ଼ରୁ ବିଶାଖାପାଟଣା ବନ୍ଦରକୁ ଖଣିଜ ଏବଂ ଶିଳ୍ପ ସାମଗ୍ରୀ ପରିବହନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ଅପଗ୍ରେଡ୍ ବିଦ୍ୟୁତ୍ ଯୋଗାଣ କ୍ଷମତାକୁ ସୁଦୃଢ଼ କରିବ, ସୁଗମ ମାଲ ପରିବହନକୁ ସହଜ କରିବ ଏବଂ ଅଧିକ ଦକ୍ଷ ଯାତ୍ରୀ ଟ୍ରେନ୍ ପରିଚାଳନାକୁ ସକ୍ଷମ କରିବ । ଏହି ପ୍ରକଳ୍ପ ୨୦୨୪-୨୫ ରେଳ ବଜେଟ୍ରେ ଭାରତୀୟ ରେଳବାଇରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମ୍କୁ ଆଧୁନିକୀକରଣ କରିବା ପାଇଁ ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମର ଏକ ଅଂଶ । ରାଇଚୁର-ଗୁଂଟାକାଲ ବିଭାଗରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମର ନବୀକରଣ ଦକ୍ଷିଣ ମଧ୍ୟ ରେଳପଥର ଗୁଂଟାକଲ୍ ଡିଭିଜନ ଅଧୀନରେ କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶରେ ବିସ୍ତୃତ ୧୨୬ କିଲୋମିଟର ଲମ୍ବ ରାଇଚୁର-ଗୁଂଟାକଲ୍ ସେକ୍ସନରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମକୁ ଅପଗ୍ରେଡ୍ କରିବା ପାଇଁ ଭାରତୀୟ ରେଳବାଇ ୨୫୯.୩୯ କୋଟି ଟଙ୍କା ମଞ୍ଜୁର କରିଛି । ଏହି ସେକ୍ସନକୁ ବିଦ୍ୟମାନ ୧.୨୫ କେଭି ସିଷ୍ଟମରୁ ଅଧିକ ଉନ୍ନତ ୨.୨୫କେଭି ସିଷ୍ଟମକୁ ଅପଗ୍ରେଡ୍ କରାଯିବ, ଯାହା ଏହି ଉଚ୍ଚ-ଘନତା କରିଡରରେ ଟ୍ରେନଗୁଡ଼ିକ ପାଇଁ ବର୍ଦ୍ଧିତ ଭାର ବହନ କ୍ଷମତା, ଉନ୍ନତ ଗତି ଏବଂ ଅଧିକ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ପ୍ରଦାନ କରିବ । ବ୍ୟସ୍ତବହୁଳ ମୁମ୍ବାଇ-ଚେନ୍ନାଇ ରୁଟରେ ଅବସ୍ଥିତ, ଏହି ଅପଗ୍ରେଡ୍ ବିଦ୍ୟୁତ୍ ଯୋଗାଣ କ୍ଷମତାକୁ ସୁଦୃଢ଼ କରିବ, ମାଲ ପରିବହନ ଏବଂ ଯାତ୍ରୀ ସେବା (ବନ୍ଦେ ଭାରତ ଟ୍ରେନ୍ ସମେତ)କୁ ଅଧିକ ସୁଗମ ଏବଂ ଦ୍ରୁତ କରିବ । ଏହି ପ୍ରକଳ୍ପ ଭାରତୀୟ ରେଳବାଇର ୩,୦୦୦ ମେଟ୍ରିକ୍ ଟନ୍ ମାଲ ପରିବହନ ହାସଲ କରିବାର ମିଶନରେ ଯୋଗଦାନ କରିବ, ସହିତ ସମଗ୍ର ନେଟୱାର୍କର ଦକ୍ଷତା ବୃଦ୍ଧି କରିବ । ଏହି କାର୍ଯ୍ୟ ୨୦୨୪-୨୫ ରେଳ ବଜେଟରେ ଅନ୍ତର୍ଭୁକ୍ତ ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମର ଅଂଶ, ଯାହାର ଲକ୍ଷ୍ୟ ଭାରତୀୟ ରେଳବାଇରେ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମକୁ ଆଧୁନିକୀକରଣ କରିବା । ଭଦୋଦରା ଏବଂ ମୁମ୍ବାଇ ଡିଭିଜନରେ ଓଏଫସି ଯୋଗାଯୋଗ ମେରୁଦଣ୍ଡର ବ୍ୟବସ୍ଥା ପଶ୍ଚିମ ରେଳବାଇର ଭଦୋଦରା ଏବଂ ମୁମ୍ବାଇ କେନ୍ଦ୍ରୀୟ ଡିଭିଜନରେ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ଭାରତୀୟ ରେଳବାଇ ୧୮୭.୮୮ କୋଟି ମଞ୍ଜୁର କରିଛି । ଏହି ପ୍ରକଳ୍ପରେ ଏକ ୪ଘ୪୮-କୋର ଅପ୍ଟିକାଲ୍ ଫାଇବର କେବୁଲ୍ (ଓଏଫସି) ବ୍ୟାକବୋନ୍ ଆର୍କିଟେକ୍ଚର ସ୍ଥାପନ ଅନ୍ତର୍ଭୁକ୍ତ, ଯାହା ଉନ୍ନତ ବ୍ୟାଣ୍ଡୱିଡଥ୍, ନେଟୱାର୍କ ଏବଂ ଏଲଟିଇ -ଆଧାରିତ କଭାଚ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରେଳ ଯୋଗାଯୋଗ ପ୍ରଣାଳୀ ପାଇଁ ନିର୍ଭରଯୋଗ୍ୟ ସମର୍ଥନ ସୁନିଶ୍ଚିତ କରିବ । ଏହି ଅପଗ୍ରେଡ୍ କବଚ (ଏକ ସ୍ୱଦେଶୀ ଟ୍ରେନ୍ ଧକ୍କା ନିବାରଣ ପ୍ରଣାଳୀ) କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଡିଜିଟାଲ୍ ଭିତିଭୂମିକୁ ସୁଦୃଢ଼ କରିବ । ଭଦୋଦରା ଡିଭିଜନରେ ୬୯୨ କିଲୋମିଟର ଏବଂ ମୁମ୍ବାଇ ଡିଭିଜନରେ ୩୦୮ କିଲୋମିଟର ସମେତ ୧,୦୦୦ ରୁଟ୍ କିଲୋମିଟରରେ ଅପ୍ଟିକାଲ୍ ଫାଇବର କେବୁଲ୍ ବିଛାଯିବ । ଏହି ପ୍ରକଳ୍ପ ୨୦୨୪-୨୫ ରେଳ ବଜେଟରେ ଅନ୍ତର୍ଭୁକ୍ତ ଏକ ବୃହତର ଦେଶବ୍ୟାପୀ କାର୍ଯ୍ୟକ୍ରମର ଅଂଶ । ଏହା ନେଟୱାର୍କରେ କବଚକୁ ବିସ୍ତାର କରିବା ଏବଂ ରେଳ ଯୋଗାଯୋଗ ପ୍ରଣାଳୀକୁ ଆଧୁନିକୀକରଣ କରିବା ଲକ୍ଷ୍ୟ ରଖିଛି । ରେଳ ଭିତିଭୂମି ଏବଂ କ୍ଷମତାକୁ ସୁଦୃଢ଼ କରିବା ଏହି ଅନୁମୋଦିତ କାର୍ଯ୍ୟଗୁଡ଼ିକ ଟ୍ରାକ୍ସନ୍ ପାୱାର ସିଷ୍ଟମକୁ ଉନ୍ନତ କରିବା, ପ୍ରମୁଖ ଯୋଗାଯୋଗ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପ୍ରମୁଖ ରେଳ କରିଡରରେ ମାଲ ପରିବହନ କ୍ଷମତା ବୃଦ୍ଧି କରି ରେଳ ପରିଚାଳନାର ଦକ୍ଷତା ଏବଂ ନିର୍ଭରଯୋଗ୍ୟତା ବୃଦ୍ଧି କରିବ । ଏହି ପଦକ୍ଷେପଗୁଡ଼ିକ ଆଧୁନିକ ଟ୍ରେନଗୁଡ଼ିକର ପରିଚାଳନାକୁ ସମର୍ଥନ କରିବ, ଡିଜିଟାଲ୍ ଯୋଗାଯୋଗ ନେଟୱାର୍କକୁ ସୁଦୃଢ଼ କରିବ ଏବଂ ପ୍ରମୁଖ ମାଲ ପରିବହନ ଏବଂ ଯାତ୍ରୀ ମାର୍ଗରେ ଭାରତୀୟ ରେଳବାଇର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବ ।

# ବ୍ଲକସ୍ତରୀୟ ପଂଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ କର୍ମଶାଳା

ବୈଶିଙ୍ଗା(ନିପ୍ର): ବେତନଟୀ ବ୍ଲକ ସଭାଗୃହରେ ପଂଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାର ଯୋଗ ଦାନ କରିଥିଲେ । ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଂଚାୟତ ଉନ୍ନୟନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ପଂଚାୟତ ସ୍ତରରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ଦ୍ୱାରା କିଭଳି ଉନ୍ନତ ଏବଂ ସମୃଦ୍ଧ ପଂଚାୟତ ଗଠନ ହୋଇପାରିବ ସେନେଇ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା ।

**AFFIDAVIT**

I, Miraj Kumar Das, S/o- late Dhirendra Narayan Das, resident of Ferro chrome Project, Vyasanagar, Post- Ferro chrome Project, PS- Jajpur Road, Dist- Jajpur, PIN- 755020, Odisha declare by this affidavit number- 947 dated 02/03/2026 that now onwards I shall be known as MIRAJ DAS for all future purposes.





# ଗନ୍ଧିଶା ରକ୍ତାକ୍ତ ସଂଘର୍ଷ ଘଟଣାରେ ପ୍ରତିପକ୍ଷରୁ ୨ ଗିରଫ

ବାହାନଗା (ନି.ପ୍ର.) ବାହାନଗା ବ୍ଲକ ବାହାନଗା ପଂଚାୟତର ଗନ୍ଧିଶା ଗ୍ରାମରେ ହୋଲି ଦିନ ସନ୍ଧ୍ୟାରେ ପୂର୍ବତନ ସରପଂଚ ବସନ୍ତ ସାହୁ ସହ ସେହି ଗ୍ରାମର ଯୁବକ ପ୍ରଶନଜିତ ସାହୁ ସହିତ ସମସ୍ୟା ଉପୁଜିଥିଲା । ପ୍ରଥମେ କଥା କଟାକଟି ପରେ ରକ୍ତାକ୍ତ ସଂଘର୍ଷ ଘଟଣା ଘଟି ୮ ଜଣ ଉଭୟ ପକ୍ଷରୁ ଆହତ ହୋଇଥିଲେ । ବସନ୍ତ ସାହୁ ଅଭିଯୋଗମୁଳେ ପ୍ରଶନଜିତ ସହ ୧୦ ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିଲା । ଅନ୍ୟପଟରେ ପ୍ରଶନଜିତ ଗୁରୁତର ଆହତ ହୋଇଥିବାରୁ ତାଙ୍କ ସ୍ତ୍ରୀ ଇପ୍ସିତା ସାହୁଙ୍କ ଅଭିଯୋଗମୂଳେ ପୁଲିସ ଆଜି ବସନ୍ତ ସାହୁଙ୍କ ସହଯୋଗୀ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ଗନ୍ଧିଶା ଗ୍ରାମର ବସନ୍ତ ସାହୁ ଓ ପ୍ରଶନଜିତ ସାହୁ ମଧ୍ୟରେ ହୋଲି ଦିନ କିଛି କଥାକୁ ନେଇ ସମସ୍ୟା ଉପୁଜିଥିଲା । ସେ ନେଇ ବସନ୍ତ ସାହୁ ଓ ପ୍ରଶନଜିତ ସାହୁଙ୍କ ସହଯୋଗୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ଘଟଣା ଘଟିବାର ୫ ଘଣ୍ଟା ପରେ ପୁଲିସ ପ୍ରଶାସନ ପ୍ରଶନଜିତ ସହ ତାଙ୍କର ଅନ୍ୟ



ସହଯୋଗୀ ୧୦ ନିଜ ଅକ୍ତିଆରକୁ ନେଇ କୋର୍ଟ ଚାଲାଣ କରିଥିଲା । ଅନ୍ୟପଟରେ ପ୍ରଶନଜିତ ସାହୁ ମୁଣ୍ଡରେ ଗଭୀର ଆଘାତ ଜନିତ ଗୁରୁତର ଆହତ ହୋଇଥିବାରୁ ତାଙ୍କ ସ୍ତ୍ରୀ ଇପ୍ସିତା ଙ୍କ ଲିଖିତ ଅଭିଯୋଗ କରିଥିଲେ । ଯାହାକି ପ୍ରଶନଜିତଙ୍କୁ ମରଣାତ୍ମକ ଆକ୍ରମଣ କରି ଲହୁଲୁହାଣ କରିବା, ଘରକୁ ଟେକା ପଥର ଫୋପାଡ଼ି ଜିନିଷପତ୍ର ନଷ୍ଟ, ଘରେ ପଶି ମହିଳାଙ୍କୁ ଅଶ୍ଳୀଳତା ପ୍ରଦର୍ଶନ ,ଘରେ ଥିବା ଟଙ୍କା ଓ ଗହଣା ଛିନ୍ତାଇ ଆଦି ଅଭିଯୋଗରେ ଖନ୍ତାପଡ଼ାପୁଲିସ ଭିନ୍ନ ଏକ ମାମଲା ରୁଜୁ କରି ବସନ୍ତ ସାହୁଙ୍କ ସହଯୋଗୀ ପ୍ରହଲ୍ଲାଦ ଲେଙ୍କା, ହେମନ୍ତ ମହାନ୍ତିଙ୍କୁ ଧରି କୋର୍ଟ ଚାଲାଣ କରି ତଦନ୍ତ ଜାରୀ ରଖିଛି ।


## ବାସନ୍ତୀଦେବୀ ଶିଶୁ ବିଦ୍ୟାମନ୍ଦିର

ଶିଶୁବିହାର, ପାଖର,ଅନନ୍ତପୁର, ସୋର, ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିକାଶ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଭାରତୀୟ ଶିକ୍ଷାବିକାଶ ସଂସ୍ଥାନ ଓଡ଼ିଶା ସହ ଅନୁବନ୍ଧିତ ।

**UDISE Code No-21081212071**

ଶିଶୁ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ

ଶିକ୍ଷାବର୍ଷ ୨୦୨୬-୨୭

**NOC- 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭) ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।
ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ପ୍ରଧାନ ଆଚାର୍ଯ୍ୟ
ମୋ-୯୯୩୭୩୪୨୬୨୭



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ସନ୍ତରାଗଡ଼ିଆ, ନୀଳଗିରି ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି ଓଡ଼ିଶା ସହ ଅନୁବନ୍ଧିତ ।

**UDISE Code No-21080812951**

ପ୍ରଭାତ ଓ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ

ଶିକ୍ଷାବର୍ଷ ୨୦୨୬-୨୭

**Reco No: SSMSOB/284/2022**

**Noc: 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭) ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।
ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କ ବାସସ୍ଥାନ
ବିଦ୍ୟାଳୟ ଠାରୁ ୧କି.ମି. ମଧ୍ୟରେ ହୋଇଥିବା ଆବଶ୍ୟକ ।

ପ୍ରଧାନ ଆଚାର୍ଯ୍ୟ
ମୋ-୮୮୯୫୧୦୯୭୩୨


# ଗଂଜେଇ ଜବତ: ୨ଗିରଫ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ୨ଜଣ ଗଂଜେଇ ଚାଲାଣକାରୀଙ୍କୁ ଗିରଫ କରିବା ସହ ୨ଟି ମୋଟର ସାଇକେଲ ଜବତ କରିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ୨୯୮/୨୫-୨୬ ଏବଂ ୨୦୩/୨୫-୨୬ ବସ୍ତା ଏବଂ ବାଲେଶ୍ୱର ମିଳିତ ଚଢ଼ଉରେ ୨ଟି ମାମଲା ରୁଜୁ କରାଯାଇ ୧୬ ନଂ ଜାତୀୟ ରାଜପଥ ହଳଦୀପଦା ଠାରେ ଦୁମୁଦା ରଘୁନାଥପୁର ଅଂଚଳର କାହ୍ନୁ ଦାସ(୨୫) ଏବଂ ସିଂଲା ଗମ୍ଭାରିଆ ଅଂଚଳର ସଂଜିତ ଜେନା(୩୬) ଦୁଇଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ଠାରୁ ୭ଲକ୍ଷ ୫୦ହଜାର ଟଙ୍କା ମୂଲ୍ୟର ୭୫ କେଜି ଗଂଜେଇ ଜବତ ହୋଇଛି ।

# ଆଦିବାସୀ ମେଳା କମିଟି ପକ୍ଷରୁ ୨ ଦିନିଆ ଫୁଟବଲ ଟୁର୍ନାମେଂଟ ଉଦ୍‌ଯାପିତ

ଜଳେଶ୍ୱର (ନି ପ୍ର)ଜଳେଶ୍ୱର ବଡ଼ବଜ଼ାର ଠାରେ ଆଦିବାସୀ ମେଳା କମିଟି ପକ୍ଷରୁ ୨ ଦିନିଆ ଫୁଟବଲ ଟୁର୍ନାମେ[ ଅନୁଷ୍ଠିତ ହୋଇଯାଇଛି. ମୋଟ ସୋହହଳ ଟି ଦଳ ଅଂଶ ଗ୍ରହଣ କରିଥିଲେ. ଫାଇନାଲ ରେ ପଶ୍ଚିମ ବଙ୍ଗ ଚାମ୍ପିୟାନ ହୋଇଥିବା ବେଳେ ପାଉଁଶକୁଲି ରାନର୍ସ ଅପ ହୋଇଥିଲା. ମୁଖ୍ୟଅତିଥି ଭାବେ ଓଡିଶା ର ପୂର୍ବତନ ସୁନାମଧ ଗୋଲିକିପର ଗୋପବନ୍ଧୁ ସାହୁ ଯୋଗ ଦେଇ ବିଜେତା ଦଳ କୁ ଟ୍ରଫି ସହ ନଗଦ ପନ୍ଦର ହଜାର ଓ ଉପ ବିଜେତା ଦଳ କୁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ. ମୁଖ୍ୟ ବକ୍ତା ଡ଼. ଅଜିତ ମହାନ୍ତି, ସମ୍ମାନିତ ଅତିଥି ଇଂ ରାମଚନ୍ଦ୍ର ସାହୁ, ସୁଶାନ୍ତ ଦାସ, ସୁବ୍ରତ ବେରା ପ୍ରମୁଖ ଯୋଗ ଦେଇଥିଲେ. ବନବିହାରୀ ପ୍ରଧାନ ସଭାପତିତ୍ୱ କରିଥିଲେ. ମୁଖ୍ୟ ଆୟୋଜକ ଗୌରହରି ସାହୁ ଙ୍କ ସମେତ ଆୟୋଜକ ରଘୁ ମୁର୍ମୁ, ସୋନାଇ ହେମ୍ବ୍ରମ, ସର୍ବେଶ୍ୱର ଟୁଡୁ, କୁଆଁର ସିଂ, ଗୀତା ହାଁସଦା, ଗୀତ ମୁର୍ମୁ, ମଇନା ମୁର୍ମୁ, ପାନ ହାଁସଦା, ଲକ୍ଷ୍ମୀ ଟୁଡୁ, ସୀତା ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ ।

# ତିଖାଲି ଡେମ ମହୋତ୍ସବ-୨୦୨୬ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,(ନି.ପ୍ର) ତିଖାଲି ଶିବ ମନ୍ଦିର ପରିସର ମଧ୍ୟରେ ଖଡିଆଳ କୋମନା ବ୍ଲକ ସୀମାନ୍ତ ଅଂଚଳ ତିଖାଲି ଡେମ ମହୋତ୍ସବ-୨୦୨୬ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଆସନ୍ତା ମାର୍ଚ୍ଚ ୧୩, ୧୪ ଓ ୧୫ ତାରିଖ ତିନି ଦିନ ବ୍ୟାପି ଲୋକ ମହୋତ୍ସବ ପାଳିତ ହେବା କୁ ଥିବା ବେଳେ ଅଂଚଳ ର ଲୋକ କଳା, ସାହିତ୍ୟ, ସଂସ୍କୃତି ଓ ସହିତ ଏହି ଡେମ୍ ରେ ବିସ୍ଥାପିତ ହୋଇଥିବା ସମସ୍ତ ଗ୍ରାମବାସୀଙ୍କ ବଳିଦାନ କୁ ମନେ ପକାଇବା ପାଇଁ ଆହ୍ୱାନ କରିଥିଲେ । ବିସ୍ଥାପିତଙ୍କ ବଳିଦାନ ସତରେ ଅନେକ ଅଂଚଳ ମରୁଡି ସମସ୍ୟା ମୁକ୍ତ ହୋଇ ସବୁଜ ବିପ୍ଲବ ରେ ପରିଣତ ହୋଇଅଛି । ସାମ୍ବାଦିକଙ୍କ ପ୍ରସ୍ତାବ ରେ ମହୋତ୍ସବ ଅନୁଷ୍ଠିତ ହେଉଥିବା ପଡିଆକୁ ଲୋକ ମହୋତ୍ସବ ପଡିଆର ମାନ୍ୟତା ଏବଂ ନାମକରଣ କରି ପ୍ରତ୍ୟେକ ବର୍ଷ ମହୋତ୍ସବ ହେବାକୁ ଆହ୍ୱାନ କରିଥିଲେ । ଅଂଚଳର ଅନେକ ପ୍ରତିଭା ସହ ଗ୍ରାମର ଝଙ୍କାର, ପୁଝାରୀ ଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପାଳନ କମିଟି ନିଷ୍ପତି ନେଇଛନ୍ତି । ଆଜି ସମ୍ମିଳନୀ ରେ ମହୋତ୍ସବ ପାଳବ କମିଟି ସଭାପତି ଗୌତମ ତାଣ୍ଡି ଅଧକ୍ଷତା କରି ସମ୍ପାଦକ ପରମେଶ୍ୱର ବାରିକ ସ୍ୱାଗତ ଅଭିଭାଷଣ ସଭାରେ ରମେଶ ଚନ୍ଦ୍ର ଠାକୁର, ସଙ୍ଗଠକ ସାମ୍ଭ ସରାଫ, କୋଷାଧକ୍ଷ ବାପୀନା ସାହୁ, ଉପସଭାପତି ବେହେରା, ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟା ମୋତିଲାଲ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନାଗରିକ ମଂଚର ଗଣ ଧାରଣା ଦ୍ୱିତୀୟ ଦିନରେ

## ରେଳ ଅଧିକାରୀଙ୍କ ସହ ଆଲୋଚନା ବିଫଳ

ସୋର(ନି.ପ୍ର.) ଦକ୍ଷିଣ-ପୂର୍ବ ରେଳ ବିଭାଗ ଅଧିକାରୀଙ୍କ ସୋର ରେଳ ଷ୍ଟେସନ ପ୍ରତି ଚରମ ଅବହେଳା ବିରୋଧରେ, ସୋର ନାଗରିକ ମଂଚର ଧାରଣା ବଳବତର ରହିଛି । ଦ୍ୱିତୀୟ ଦିନ ଗଣ ଧାରଣାରେ ସୋର ଅଂଚଳର ବରିଷ୍ଠ ନାଗରିକ ମାନେ ସକାଳ ସାତଟାରୁ ରେଳ ଷ୍ଟେସନ ସମ୍ମୁଖ ଧାରଣା ସ୍ଥଳରେ ବସି ରହି ଥିବା ବେଳେ ।ମଂଚର ଦାବିପ୍ରତି ସମର୍ଥନ ଜଣାଇ ଜାତୀୟ କଂଗ୍ରସ ସୋର ଅଂଚଳ କମିଟିର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ଜେନା ସମେତ ସୋର ଅଂଚଳର ବହୁ ବୁଦ୍ଧିଜୀବୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।ଆଜି ଖଡଗପୁର ଡିଭିଜନର ଅନ୍ୟତମ ବାଣିଜ୍ୟ ପରିଦର୍ଶକ ସାହାବୁଦ୍ଦିନ ସାହା ଏବଂ ଷ୍ଟେସନ ମ୍ୟାନେଜର ବିଜୟ କେତନ ମହାଳିକ ଧାରଣା ରତ ଆନ୍ଦୋଳନ କାରୀ ମାନଙ୍କ ସହ ଦାବିପତ୍ର ଉପରେ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଛି ବୋଲି ସଭାପତି ନେତ୍ରାନନ୍ଦ ରାଉତ ସୂଚନା ଦେଇଛନ୍ତି । ଫଳରେ ଆସନ୍ତା କାଲି ଧାରଣା ବଳବତର ରହିବ ବୋଲି ପ୍ରକାଶ କରିଛନ୍ତି ।ଏହି ଗଣ ଧାରଣାରେ ଡକ୍ଟର ନରହରି ନାୟକ, ଦାମୋଦର ଦାଶ ମହାପାତ୍ର, ଗଙ୍ଗାଧର ପାଢ଼ୀ,ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ,ମାୟାଧର ନାୟକ,ପ୍ରଦୀପ କୁମାର ଦାଶ,ମନୋଜ କୁମାର ରାୟ,ପଂଚାନନ ଶିଅଳ,ନିତ୍ୟାନନ୍ଦ କର,ରବୀନ୍ଦ୍ର ନାରାୟଣ ଉପାଧ୍ୟାୟ ,ଅଦୈତ୍ୟ କର,ଚିତରଞ୍ଜନ ଦାଶ,ରବୀନ୍ଦ୍ର କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ଦାମୋଦର ସାହୁ, ଅନାମ ପ୍ରସାଦ ବାରିକ,ଶଶିକାନ୍ତ ପଣ୍ଡା,ବିଜୟ କୁମାର ଦାସ, ସୁରେନ୍ଦ୍ର ପ୍ରସାଦ ବେହେରା, ଜିତେନ୍ଦ୍ର କୁମାର ଦାଶ,ଅନିରୁଦ୍ଧ ମହାରଣା,ପଦ୍ମଲୋଚନ ପାତ୍ର, ସୁରେନ୍ଦ୍ର ପ୍ରସାଦ ବାରିକ, ରାଜରାଣୀ ଜେନା, ନିତ୍ୟାନନ୍ଦ ପୁହାଣ, ହରିହର ଦାସ,କରୁଣାକର ବେହେରା, ସୁରେଶଚନ୍ଦ୍ର ମହାପାତ୍ର ।ପୂର୍ଣ୍ଣଚନ୍ଦ୍ର ଜେନା, ଶ୍ରୀଧର ପ୍ରସାଦ ବିଶ୍ୱାଳ,ସୁରେନ୍ଦ୍ର ପ୍ରସାଦ ଲେଙ୍କା । ପ୍ରଭୃତି ଗଣ ଧାରଣାରେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଆଜି ଜିଲ୍ଲା କାର୍ଯ୍ୟାଳୟର କନଫରେନ୍ସ ହଲ୍‌ଠାରେ ଜଙ୍ଗଲ ଅଧିକାର ଆଇନ-୨୦୦୬ (ଋଜଇ) ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ବୈଠକର ନିଷ୍ପତି ଅନୁଯାୟୀ, ବେଦାନ୍ତ କମ୍ପାନୀର କୁଦାଲୋଇ (ଏ) ନର୍ଥ କୋଇଲା ଖଣି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ବ୍ୟବହାର ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ



ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ, ଓପିଟିସିଏଲ୍ (ଡଚଞ୍ଚଉଖ) ପକ୍ଷରୁ ଟ୍ରାନ୍ସମିସନ ଲାଇନ ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଆବଶ୍ୟକୀୟ ଦସ୍ତାବିଜର ଅଭାବ ଥିବାରୁ, ଏହାକୁ ପରବର୍ତୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ସେହିପରି କିର୍ମିରା ଓ ଲଖନପୁର ବ୍ଲକର ୬୪ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି କ୍ଷେତ୍ରରେ ପୂର୍ବରୁ କିଛି ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯେଉଁଥିପାଇଁ ଜମି ସତ୍‌ଲିପି (ଜକ୍ଷଜ) ସଂଶୋଧନରେ ସମସ୍ୟା ଉପୁଜୁଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି ଯେ, ଯେଉଁ ହିତାଧିକାରୀମାନେ ପ୍ରକୃତରେ ଜଙ୍ଗଲ ଜମି ଦଖଲରେ ନାହାନ୍ତି, ସେମାନଙ୍କ ଦାବିକୁ ନାକଚ କରାଯିବ । ଆଗାମୀ ଦିନରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଯାଂଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ

ଭଦ୍ରକ(ନି.ପ୍ର.) : ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ୮-୦୩-୨୦୨୬ରିଖ ରବିବାର ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକ ଲୋକପ୍ରିୟ ବିଧାୟକ ମାନ୍ୟବର ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲୀପ କୁମାର ରାଉତରାୟ ବିଶିଷ୍ଟ ଅତିଥି, ଶ୍ରୀ ରବିନାରାୟଣ ସାହୁ., ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ସମ୍ମାନୀତ ଅତିଥି, ରାଜ୍ୟ ମଧୁବୈଶ୍ୟ ସମାଜର ଶ୍ରୀ ପ୍ରଶାନ୍ତ କୁାର ସାହୁ, ରାଜ୍ୟ ସଂପାଦିକା ଶ୍ରୀମତୀ ଅପର୍ଣ୍ଣା ସାହୁ ସମ୍ମାନିତ ଅତିଥି ଓ ରାଜ୍ୟ ସଭାପତି ଶ୍ରୀ ଦେବେନ୍ଦ୍ର ନାଥ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦାନ କରିଥିଲେ । ପ୍ରଥମେ ସକାଳ ୧୦ ଘଟିକାରେ ସଂଘର ସମସ୍ତ ସଦସ୍ୟମାନେ ଅପ□ବିନ୍ଧା ତାରିଣୀ ମନ୍ଦିର ପାଖରୁ ଏକ ଶୋଭାଯାତ୍ରା ବାହାରି ଶହୀଦ୍ ସ୍ମୃତି ଭବନ ପର୍ଯ୍ୟନ୍ତ ଆସିଥିଲେ । ସମସ୍ତ ଅତିଥିମାନଙ୍କ ଦ୍ୱାରା ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ସଂଘର କାର୍ଯ୍ୟ ଓ ସଂଘ ଦ୍ୱାରା ସବୁ କାର୍ଯ୍ୟ ସମ୍ପାଦିତ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ସଂଘର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ପୁରିଅଶି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ସମାଜ ତାର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବର୍ଷକରେ ଥରେ ନିଜର ବନ୍ଧୁ, ଜ୍ଞାତି, କୁଟୁମ୍ବମାନଙ୍କ ସହ ଏକାଠି ହେବା ଏହା ଏକ ସୌଭାଗ୍ୟର ବିଷୟ ଯାହା ଆଜିର କର୍ମବ୍ୟସ୍ତତା ଜୀବନରେ ସମ୍ଭବ ହୋଇପାରୁନାହିଁ । ଅନ୍ୟାନ୍ୟ ଅତିଥିମାନେ ସଂଘର କାର୍ଯ୍ୟଶୈଳୀ ତଥା ମଧୁବୈଶ୍ୟ ସମାଜର ଗରିବ ତଥା ଆର୍ଥିକ ଅନଗ୍ରସର ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟାସକୁ ଭୁରିଅଶି ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ରାଜ୍ୟ ସଭାପତି ସଂଘର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଏହି ସମାବେଶରେ ଭଦ୍ରକ ଜିଲ୍ଲାର ପ୍ରାୟ ଏକ ହଜାର ସଦସ୍ୟ ଓ ସଦସ୍ୟାମାନେ ଯୋଗଦାନ କରିବା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲା ଯଥା କଟକ, ବାଲେଶ୍ୱର, ସାଲେପୁର, ସମ୍ବଲପୁର, ବ୍ରହ୍ମପୁର, ମାହାଙ୍ଗା, ଜଗତସିଂହପୁର ଜିଲ୍ଲା ବହୁ କର୍ମକ□ା ଉକ୍ତ ବାର୍ଷିକ ସମ୍ମିଳନ ଯୋଗଦାନ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସଂଘର ଜିଲ୍ଲା ସଂପାଦକ ଜୟନ୍ତ କୁମାର ସାହୁ, ସଂପାଦକ ହରିହର ସାହୁ, କୋଷାଧକ୍ଷ ଚନ୍ଦ୍ରକାନ୍ତ ସାହୁ, ଉପସଭାପତି ମନୋରଂଜନ ସାହୁ, ନରେନ୍ଦ୍ର କୁମାର ସାହୁ, ସମାଜସେବୀ ବିଦ୍ୟାଧର ସାହୁ, ସହ ସଂପାଦକ ଅନନ୍ତ ଚରଣ ସାହୁ, ଉପସଭାପତି ଉମାକାନ୍ତ ସାହୁ, ପର୍ଣ୍ଣଚନ୍ଦ୍ର ସାହୁ, ଭାସ୍କର ଚନ୍ଦ୍ର ସାହୁ, ବୃନ୍ଦାବନ ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ।

# ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୭ତମ ବାର୍ଷିକୋତ୍ସବ



ଖଇରା,(ନି.ପ୍ର.)ଅବସରପ୍ରାପ୍ତ କର୍ମଚାରୀ ମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । ଏଥିସହ ଅବସର ପରେ ଏକାକୀ ରହିବା ଦ୍ୱାରା ବୟସ୍କ ମାନେ ଚାପଗ୍ରସ୍ତ ହୋଇ ରକ୍ତଚାପ ଓ ହୃଦରୋଗ ଭଳି ରୋଗର ପିଡିତ ହେବାର ସମ୍ଭାବନା ଅଧୀକ । ଏଣୁ ଚାପରୁ ମୁକ୍ତି ତଥା ସାମୁହିକ ସ୍ୱାର୍ଥ ସାଧନ ଲାଗି ସଂଘ ସହ ଯୋଡି ହୋଇ ରହିବା ନିତାନ୍ତ ଆବଶ୍ୟକ ବୋଲି ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାଲେଶ୍ୱର ଜିଲା ଖଇରା ଶାଖାର ୨୭ତମ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାୟୀ ସଭାପତି ମହେନ୍ଦ୍ର ପ୍ରସାଦ କବିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ସଂଘର ଉପସଭାପତି ସୁଦର୍ଶନ ଦାସ ମୁଖ୍ୟ ଅତିଥି,ସାଧାରଣ ସମ୍ପାଦକ ଦାମୋଦର ନାୟକ ମୁଖ୍ୟବକ୍ତା,ପ୍ରତିଷ୍ଠାତା ସଭାପତି ଅନ୍ତର୍ଯାମୀ ପାତ୍ର,ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି,ଉପଦେଷ୍ଟା ସୁଦାମ ଚରଣ ରାଉତ ତଥା ୟୁକୋ ବ୍ୟାଙ୍କ ଖଇରା ଶାଖାର ସହକାରୀ ପରିଚାଳକ ସୌଭାଗ୍ୟ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷିଆନ ସଭ୍ୟ ଜଳଧର ମିଶ୍ର,ମହେନ୍ଦ୍ର ପ୍ରସାଦ ସେଠୀ ଓ ଚିନ୍ତାମଣୀ ସାହାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଘୁନାଥ ପତ୍ରୀ ମ□ ଆହ୍ୱାନ,କିଶୋର ରାଉତ ସ୍ୱାଗତ ସଙ୍ଗୀତ,ବୁଦ୍ଧିରାମ ପାଣିଗ୍ରାହୀ ବେଦପାଠ,ଡା ପ୍ରଭାକର ପଣ୍ଡା ସ୍ୱାଗତ ଭାଷଣ ଓ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଫଟୋ- ଖଇରା-ଅବସରପ୍ରାପ୍ତ ଶିକ୍ଷକ ତଥା ବର୍ଷିଆନ ସଭ୍ୟ ଜଳଧର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ନୂତନ ଆଇଆଇସି ଜନ ପଟ୍ଟନାୟକ ଓ ଏସଆଇ ଅନିତା ମଙ୍ଗରାଜଙ୍କ ଦାୟିତ୍ୱ ଗ୍ରହଣ

ଖଇରା,(ନି.ପ୍ର.)ଗତ ୫ମାସ ଧରି ଖଇରା ଥାନାରେ ଆଇଆଇସି ପଦବୀ କାଲି ରହିଥିବା ବେଳେ ନୂତନ ଆଇଆଇସି ଭାବେ ଜନ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ତି□ୋଲ ନିବାସୀ ଶ୍ରୀ ପଟ୍ଟନାୟକ ଏହା ପୂର୍ବରୁ କେନ୍ଦୁଝର ଜିଲା ନୟାକୋର୍ଟ ଥାନାର ଆଇଆଇସି ଭାବେ ଅବସ୍ଥାପିତ ଥିଲେ । ସେହିଭଳି ଖାଲି ପଡିଥିବା ଅନ୍ୟ ଏକ ଏସଆଇ ପଦବୀ ମଧ୍ୟ ପୁରଣ ଖଇରବାସୀଙ୍କ ପାଇଁ ଖୁସିର ବା□ା ଦେଇଛି । ବାଲେଶ୍ୱର ଟାଉନ ଥାନାର କାର୍ଯ୍ୟରତ ଏସଆଇ ଅନିତା ମଙ୍ଗରାଜ ମଧ୍ୟ ଖଇରା ଥାନାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁଁ ଖଇରା ରେ ଗତ କିଛି ମାସ ହେଲା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିଲା ।

# ବିଭିନ୍ନ ରାଜ୍ୟର ସାଂସଦଙ୍କୁ ଆତିଥ୍ୟ ପ୍ରଦାନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ହରିୟାଣା, ଉତର ପ୍ରଦେଶ ଓ ପଂଜାବର ସାଂସଦମାନଙ୍କୁ ଆତିଥ୍ୟ ଦେଇଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ଅନେକ କେନ୍ଦ୍ରୀୟ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସମୟରେ ସାଂସଦମାନେ ଏବଂ କେନ୍ଦ୍ରୀୟ ମନ୍ତ୍ରୀମାନେ ପରସ୍ପର ସଂଲାପ କରିଥିଲେ ଏବଂ ବିଭିନ୍ନ ବିଷୟରେ ଭାବନା ଆଦାନ-ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ଜନପ୍ରତିନିଧିମାନଙ୍କର ଅଂଶଗ୍ରହଣ ଥିଲା । ଉଲ୍ଲେଖନୀୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମୟ ସମୟରେ ଭିନ୍ନ ଭିନ୍ନ ରାଜ୍ୟର ସାଂସଦମାନଙ୍କ ସହ ଏପରି ସଂଲାପ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି, ଯାହା ମାଧ୍ୟମରେ ରାଜ୍ୟମାନଙ୍କର ପ୍ରତିନିଧିମାନଙ୍କ ସହ ସଂଯୋଗ ଏବଂ ସହଯୋଗକୁ ଆହୁରି ମଜବୁତ କରାଯାଇପାରିବ ।

# ପଶ୍ଚିମବଙ୍ଗ ବିଜେପିର ପରିବର୍ତନ ସମାବେଶରେ ଯୋଗଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ପଶ୍ଚିମବଙ୍ଗ ଗସ୍ତ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପଶ୍ଚିମବଙ୍ଗରେ ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ବିଜେପିର ପରିବର୍ତନ ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି । ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ପଶ୍ଚିମବଙ୍ଗ ଅଭିମୁଖେ ଉଡ଼ାଣ ଭରିବେ । ଅପରାହ୍ନ ୪ଟାରେ କୋଲାକାତା ବିମାନବନ୍ଦରରେ ପହଂଚିବେ । ଅପରାହ୍ନ ୫ଟା ୧୫ରେ ମେଦିନିପୁରର ମୋୟନା ନିର୍ବାଚନମଣ୍ଡଳୀର ହରିଦାସପୁରରେ ଆୟୋଜିତ ପରିବର୍ତନ ଯାତ୍ରାରେ ଯୋଗ ଦେବା ସହ ଜନସଭାକୁ ସମ୍ବୋଧିତ କରିବେ । ସନ୍ଧ୍ୟା ସାଢ଼େ ୭ଟାରେ ସେ କୋଲକାତା ବିମାନବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ବିମାନ ଯାତ୍ରା କରିବେ । ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ପଶ୍ଚିମବଙ୍ଗର ଟିଏମ୍‌ସି ସରକାର ଅସମ୍ମାନ ପ୍ରଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଣାର କିଡ଼ା ନିନ୍ଦା କରିଥିଲେ । ରାଷ୍ଟ୍ରପତିଙ୍କୁ ଅସମ୍ମାନ ନେଇ ଶ୍ରୀ ମାଝୀ ଟିଏମ୍ସି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଏହି ଘଟଣା ଓଡ଼ିଶାବାସୀ ଓ ସମଗ୍ର ଆଦିବାସୀ ସମାଜକୁ ମର୍ମାହତ କରିଥିବା କହିଥିଲେ ।








# କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଏହି ସମୟରେ ପଶ୍ଚିମ ଏସିଆରେ ଜାରି ବିବାଦକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଛି । ସୂତ୍ର ଅନୁସାରେ, କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରୀ ଓ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ସେମାନେ ଏକାଠି ମିଶି କାମ କରନ୍ତୁ, ଯାହାଫଳରେ ପଶ୍ଚିମ ଏସିଆରେ ଜାରି ସଂଘର୍ଷର ପ୍ରଭାବ ଦେଶର ନାଗରିକଙ୍କ ଉପରେ କମ୍ ପଡିବ । ସେ ସବୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କେ ?ଣସି ପ୍ରକାର ସମ୍ଭାବିତ ଚ୍ୟାଲେଞ୍ଜ ପାଇଁ ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀମଣ୍ଡଳ ଜଳ ଜୀବନ ମିଶନକୁ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ବଢାଇବାର ମଞ୍ଜୁରୀ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କ୍ୟାବିନେଟ୍ ବେ ?ଠକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିର ସୂଚନା ଦେଇ କହିଛନ୍ତି, ସରକାର ଜଳଜୀବନ ମିଶନ୍‌ର ମୋଟ ବଜେଟ୍‌କୁ ବଢାଇ ୮.୭ ଲକ୍ଷ କୋଟି ଟଙ୍କା କରିବାର ମଞ୍ଜୁରୀ ଦେଇଛନ୍ତି । ଏହି ଯୋଜନାର ପୂର୍ବରୁ ୨୦୧୯ ରୁ ୨୦୨୪ ର ସମୟ ସୀମା ପାଇଁ ମଞ୍ଜୁରୀ ଦିଆଯାଇଛି । ଏପର୍ଯ୍ୟନ୍ତ ଏହି ଯୋଜନା ଅନୁସାରେ, ଦେଶର ପ୍ରାୟ ୧୨.୬ କୋଟି ଗ୍ରାମବାସୀଙ୍କ ଘରକୁ ନଳ ଜରିଆରେ ପାଣିର କନେକ୍ସନ ଉପଲବ୍ଧ କରାଯାଇ ସାରିଛି । ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର ସରକାର ଜଳ ଜୀବନ ମିଶନ୍ କାର୍ଯ୍ୟାନ୍ୱୟନ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହା କେବଳ ଭିତିଭୂମି ନିର୍ମାଣ ପରିବର୍ତେ ଉନ୍ନତ ସେବା ଯୋଗାଣ ଉପରେ ଧ୍ୟାନ ଦେଇଛି । ଏହି ପଦକ୍ଷେପ ଅଧୀନରେ, ସଂରଂଚନାତ୍ମକ ସୁଧାର ସୁନିଶ୍ଚିତ କରିବା ପାଇଁ ତିନି ମାସ ମଧ୍ୟରେ ରାଜ୍ୟଗୁଡ଼ିକ ସହିତ ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ମାଦୁରାଇ ବିମାନବନ୍ଦରକୁ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ଘୋଷଣା କରିବା ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ମାଦୁରାଇ ପୂର୍ବରୁ ଦୁବାଇ, ଆବୁଧାବି ଏବଂ କଲମ୍ବୋକୁ ଅନ୍ତର୍ଜାତୀୟ ବିମାନ ସେବା ପରିଚାଳନା କରୁଛି ଏବଂ ଅନେକ ଏୟାରଲାଇନ୍ସ ଅନ୍ତର୍ଜାତୀୟ ସେବା ବିସ୍ତାର କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସରକାରଙ୍କ ଅନୁଯାୟୀ, ମାଦୁରାଇ ବିମାନବନ୍ଦରରେ କଷ୍ଟମ୍ସ ନୋଟିଫିକେସନ୍, ଇମିଗ୍ରେସନ ଚେକ୍ ଫାସିଲିଟି ଏବଂ ହେଲଥ୍ ଆଣ୍ଡ କ୍ୱାରାଂଟାଇନ୍ ବ୍ୟବସ୍ଥା ସମେତ ଅନ୍ତର୍ଜାତୀୟ ବିମାନ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ଭିତିଭୂମି ଅଛି । ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ଇନସଲଭେନ୍ସି ଏବଂ କମ୍ପାନୀ ଆଇନରେ ସଂଶୋଧନକୁ ମଞ୍ଜୁରୀ ଦେଇଛି । ସୂତ୍ର ଅନୁଯାୟୀ କ୍ୟାବିନେଟ୍ ଇନସଲଭେନ୍ସି ଏବଂ ଦେବାଳିଆ କୋଡ୍ ୨୦୧୬ ଏବଂ କମ୍ପାନୀ ଆଇନ ୨୦୧୩ ରେ ଅନେକ ପରିବର୍ତନକୁ ଅନୁମୋଦନ କରିଛି । ତେବେ ଏହି ସଂଶୋଧନର ବିସ୍ତୃତ ବିବରଣୀ ସାମନାକୁ ଆସିନାହିଁ ।

## ମଧ୍ୟପ୍ରାଚ୍ୟର ସଙ୍କଟ ଦେଶବାସୀଙ୍କ ଉପରେ ନପଡୁ

# ଭାରତୀୟ ସେନା ପାଇଁ ମିଲିଟ୍ରି ଭିଜନ ଡକ୍ୟୁମେଂଟ ରୋଡମ୍ୟାପ୍ ଜାରି କଲେ ମନ୍ତ୍ରୀ ରାଜନାଥ ସିଂ



ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ଦିନ ସାଉଥ୍ ବ୍ଲକରେ ଭାରତୀୟ ସେନା ପାଇଁ 'ଡିଫେନ୍ସ ଫୋର୍ସେଜ ଭିଜନ' ରୋଡମ୍ୟାପ୍ ଜାରି କରିଛନ୍ତି ।ଏହି ବ୍ୟାପକ ବ୍ଲୁପ୍ରିଂଟ ହେଡ କ୍ୱାଟର ଇଂଟିଗ୍ରେଟେଡ ଡିଫେନ୍ସ ଷ୍ଟାଫ ପ୍ରତିରକ୍ଷା ବାହିନୀକୁ ଏକ ଆଧୁନିକ, ସମନ୍ୱିତ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଶକ୍ତିରେ ପରିଣତ କରିବା ପାଇଁ ପ୍ରସ୍ତୁତ କରିଛନ୍ତି । ଯାହା ୨୦୪୭ ସୁଦ୍ଧା ଭାରତର ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ପୂରଣ କରିବାରେ ସାହାଯ୍ୟ କରିପାରିବ । ଏହି ଡକ୍ୟୁମେଂଟଟି ଭବିଷ୍ୟତର ଯୁଦ୍ଧ ଚ୍ୟାଲେଞ୍ଜ ପାଇଁ ଏକ ସ୍ଥିର ସେନା ଗଠନ ପାଇଁ ନବସୃଜନ, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଏକ ଆଧୁନିକ ତାଲିମ ଢାଂଚାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରେ ।ଏହି ଦୃଷ୍ଟିକୋଣ ଡକ୍ୟୁମେଂଟ ପରିବର୍ତିତ ଭୂ-ରଣନୈତିକ, ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା ପରିବେଶକୁ ଭଲ ଭାବରେ ମୁକାବିଲା କରିବା ପାଇଁ ସଶସ୍ତ୍ର ବାହିନୀ ମଧ୍ୟରେ ଆବଶ୍ୟକ ରଣନୈତିକ ସଂସ୍କାର, କ୍ଷମତା ବୃଦ୍ଧି ଏବଂ ସଂଗଠନାତ୍ମକ ପରିବର୍ତନକୁ ରୂପରେଖା ପ୍ରଦାନ କରେ । ଏହା ସେନାକୁ ଏକ ସମନ୍ୱିତ, ବହୁ-କ୍ଷେତ୍ର ଏବଂ ଚତୁର ଶକ୍ତିରେ ପରିଣତ କରିବାର କଳ୍ପନା କରିଛି ଯାହା ପ୍ରତିପକ୍ଷମାନଙ୍କୁ ପ୍ରତିହତ କରିବା, ସମସ୍ତ ପ୍ରକାରର ସଂଘର୍ଷର ପ୍ରତିକ୍ରିୟା ଦେବା ଏବଂ ଦ୍ରୁତ ଗତିରେ ପରିବର୍ତନଶୀଳ ବିଶ୍ୱ ଏବଂ ଆଂଚଳିକ ଗତିଶୀଳତା ମଧ୍ୟରେ ବିକଶିତ ରଣନୈତିକ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସକ୍ଷମ । ଏହି ଦୃଷ୍ଟିକୋଣର ଏକ ପ୍ରମୁଖ ଉପାଦାନ ହେଉଛି ସେବାଗୁଡ଼ିକ ମଧ୍ୟରେ ସମନ୍ୱୟ ଏବଂ ସମନ୍ୱୟ ଉପରେ ଗୁରୁତ୍ୱାରୋପ, ଯୋଜନା, କାର୍ଯ୍ୟ ଏବଂ ଦକ୍ଷତା ବିକାଶରେ ଅଧିକ ସମନ୍ୱୟକୁ ପ୍ରୋତ୍ସାହିତ କରିବା ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବସୁନ୍ଧରା ରାଜେଙ୍କ ପରିବାର



ନୂଆଦିଲ୍ଲୀ : ସୋମବାର ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଏବଂ ତାଙ୍କ ପରିବାର, ଯେପରିକି ପୁଅ ଏବଂ ବୋହୂ ଏବଂ ତାଙ୍କ ନା-ନାତୁଣୀଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ । ଦିଲ୍ଲୀରେ ଏହି ସାକ୍ଷାତକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି କୁହାଯାଉଛି । ତେବେ ଏହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବସୁନ୍ଧରା ରାଜେ ଏବଂ ତାଙ୍କ ପରିବାରର ସାକ୍ଷାତର ଏକ ଫଟୋ ମଧ୍ୟ ସାମ୍ନାକୁ ଆସିଛି, ଏବଂ ଏହା ଖୁବ୍ ଭାଇରାଲ ମଧ୍ୟ ହେଉଛି । ବସୁନ୍ଧରା ରାଜେ ସିନ୍ଧିଆଙ୍କ ଅଫିସିଆଲ ସୋସିଆଲ ମିଡିଆ ପେଜ୍ ଏକ୍ସରେ ପୋଷ୍ଟ ହୋଇଥିବା କିଛି ଫଟୋ ରାଜସ୍ଥାନର ରାଜନୈତିକ ମହଲରେ ହଇଚଇ ସୃଷ୍ଟି କରିଛି । ପୋଷ୍ଟ କରାଯାଇଥିବା ଏକ ଫଟୋରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ, ତାଙ୍କ ପୁଅ ଏବଂ ଝାଲୱାର ସାଂସଦ ଦୁଷ୍ୟନ୍ତ ସିଂହ, ପୁତ୍ରବଧୂ ନିହାରିକା ରାଜେ, ନାତି ବିନାୟକ ପ୍ରତାପ ସିଂହ ଏବଂ ନାତୁଣୀ ରହିଛନ୍ତି । ଫଟୋରେ ବସୁନ୍ଧରାଙ୍କ ପୁତ୍ରବଧୂ ନିହାରିକା ରାଜେଙ୍କୁ ହ୍ୱିଲଚେୟାରରେ ବସିଥିବା ଦେଖାଯାଇଥିଲା । ନିହାରିକା ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡିତ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିହାରିକା ରାଜେଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ମିଳିଥିବା ଖବର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦି ପ୍ରାୟ ୪୫ ମିନିଟ୍ ଧରି ବସୁନ୍ଧରାଙ୍କ ପୁରାପରିବାର ସହ ସାକ୍ଷାତ କରିଥିଲେ । କୁହାଯାଉଛି ଯେ, କୁହାଯାଉଛି ଯେ ବସୁନ୍ଧରା ରାଜେ ସିନ୍ଧିଆଙ୍କ ଜନ୍ମଦିନ ମାର୍ଚ୍ଚ ୯ ତାରିଖରେ ଥିଲା, ସେ ଏବଂ ତାଙ୍କ ପରିବାର ସେହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଥିଲେ ।

# କୋଏମ୍ବାଟୁର - ଧାନବାଦ୍ ନୂତନ ଅମୃତ ଭାରତ ଟ୍ରେନ୍ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର : ଓଡିଶା, ତାମିଲନାଡୁ ଏବଂ ଝାଡ଼ଖଣ୍ଡ ମଧ୍ୟରେ ଏକ 'ନୂତନ ଅମୃତ ଭାରତ ଟ୍ରେନ୍ ମଞ୍ଜୁର କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ପ୍ରଧାନ ଲେଖିଛନ୍ତି ଓଡିଶା, ତାମିଲନାଡୁ ଏବଂ ଝାଡ଼ଖଣ୍ଡ ମଧ୍ୟରେ ରେଳ ସଂଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ମୋଦୀ ସରକାର ପୋତନୁର (କୋଏମ୍ବାଟୁର) ଠାରୁ ଧାନବାଦ୍ ପର୍ଯ୍ୟନ୍ତ ଏକ 'ନୂତନ ଅମୃତ ଭାରତ ଟ୍ରେନ୍' ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ପ୍ରୟାସ ପ୍ରଶଂସନୀୟ । ଏହି ଟ୍ରେନ୍ ସମ୍ବଲପୁର ଓ ଝାରସୁଗୁଡା ସମେତ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ରାଉରକେଲା ଓ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯାତାୟତ କରିବ ।

# କୋଭିଡ୍ ଭ୍ୟାକସିନ୍‌ର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ କ୍ଷତିପୂରଣ ନୀତି ପ୍ରସ୍ତୁତ କରାଯାଉ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : କୋଭିଡ୍-୧୯ ଭ୍ୟାକସିନ୍ ସମ୍ପର୍କିତ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ମାମଲା ସମ୍ପର୍କରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର କୋର୍ଟ ସରକାରଙ୍କୁ ଏକ ନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା କୋଭିଡ୍-୧୯ ଟିକା ଗ୍ରହଣ କରିବା ପରେ ଯଦି କୌଣସି ବ୍ୟକ୍ତିଙ୍କ ଗମ୍ଭୀର କ୍ଷତି ହୁଏ ତେବେ ତାଙ୍କୁ ନୋ-ଫଲ୍ଟ କ୍ଷତିପୂରଣ ଦିଆଯାଇ ହେବ । ଜଷ୍ଟିସ୍ ବିକ୍ରମନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେତାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି, ବର୍ତମାନ ଟୀକାକରଣ ପରେ ପାର୍ଶ୍ୱ ପ୍ରତିକ୍ରିୟା ତଦାରଖ ପାଇଁ ଯେଉଁ ବ୍ୟବସ୍ଥା ରହିଛି, ତାହା ଜାରି ରହିବ । ଏଥିପାଇଁ କେ ?ଣସି ନୂଆ କୋର୍ଟଙ୍କ ଦ୍ୱାରା ନିଯୁକ୍ତି ସ୍ୱତନ୍ତ୍ର ପ୍ୟାନେଲଙ୍କର ଦରକାର ପଡିବନି । ଏହା ସହ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ବ୍ୟକ୍ତିଙ୍କୁ ଭ୍ୟାକସିନ୍ କାରଣରୁ କ୍ଷତି ହୁଏ ତେବେ ସେ ଆଇନ ଅନୁସାରେ, ଉପଲବ୍ଧ ଅନ୍ୟ ଆଇନଗତ ରାସ୍ତାକୁ ମଧ୍ୟ ବ୍ୟବହାର କରିପାରନ୍ତି । ଏହା ସହ କୋର୍ଟ କହିଛନ୍ତି, ନୋ ଫଲ୍ଟ କ୍ଷତିପୂରଣ ନୀତି ଗଠନ କରିବା ସରକାରଙ୍କ ଭୁଲ କିମ୍ବା ଦାୟିତ୍ୱକୁ ମାନିବା ଭଳି ନୁହେଁ । କୋର୍ଟରେ ବହୁ ଆବେଦନ ଦାଖଲ କରାଯାଇଥିଲା । ଏଥିରୁ ଗୋଟିଏ ଆବେଦନରେ ଅଭିଯୋଗ ରହିଛି ଯେ, ୨୦୨୧ରେ କୋଭିଶିଲ୍ଡ ଭ୍ୟାକସିନ୍‌ର ପ୍ରଥମ ଡୋଜ୍ ନେବାପରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଆବେଦନରେ ଦର୍ଶାଯାଇଥିଲା ଯେ ଟୀକାକରଣ ପରେ ଉଭୟ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହୋଇଥିଲେ । ଏହି ଆବେଦନଗୁଡ଼ିକର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୂତନ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ସଞ୍ଜୁ ସାମସନ ହୋଇପାରନ୍ତି ଟିମ ଇଣ୍ଡିଆର ପରବର୍ତୀ ଟି-୨୦ ଅଧିନାୟକ



ଅହମ୍ମଦାବାଦ: ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ପୂନର୍ବାର ଟି୨୦ ଚାମ୍ପିୟନ ହୋଇଛି । ତେବେ ଚାପଭରା ପରିସ୍ଥିତିରେ ଭାରତର ଅନେକ ବ୍ୟାଟ୍ସମ୍ୟାନ ଫେଲ ମାରିଥିବା ବେଳେ ଚମକିଥିଲେ ସଞ୍ଜୁ ସାମସନ । ଫାଇନାଲରେ ତାଙ୍କ ଇନିଂସକୁ ଭୂୟସୀ ପ୍ରଶଂସା କରାଯାଉଛି । ସୂର୍ଯ୍ୟକୁମାରଙ୍କ ଦଳକୁ ସୁଚାରୁରୂପେ ପରିଚାଳନା କରିଥିଲେ ମଧ୍ୟ ତାଙ୍କ ଫର୍ମ ଏବେ ଚିନ୍ତାର କାରଣ ସାଜିଛି । ଏହା ବ୍ୟତୀତ ବୟସ ମଧ୍ୟ ଏକ ସମସ୍ୟା ଭାବେ ଉଭା ହୋଇଛି । ତାଙ୍କୁ ଏବେ ୩୫ ବର୍ଷ । ସେ ଅତି ବେଶୀରେ ଆଉ ୨/୩ ବର୍ଷ ଖେଳିପାରିବେ । ୨୦୨୮ ଟି୨୦ ବିଶ୍ୱକପ ତାଙ୍କର ଶେଷ ବଡ ଟୁର୍ଣ୍ଣାମେଂଟ ହୋଇପାରେ ବୋଲି ଅନୁମାନ କରାଯାଉଛି । ଏବେ ପ୍ରଶ୍ନ ଉଠୁଛି ସୂର୍ଯ୍ୟକୁମାରଙ୍କ ସ୍ଥାନରେ ଦଳର ନେତୃତ୍ୱ କିଏ ନେବ । ସଞ୍ଜୁଙ୍କ ସ୍ଥିର ମସ୍ତିଷ୍କ ଓ ହାର ନ ମାନିବା ଜିଦ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରୁଛି । ମହମ୍ମଦ କୈଫଙ୍କ ପରି ପୂର୍ବତନ ଖେଳାଳି ମଧ୍ୟ ସଞ୍ଜୁଙ୍କୁ ଭାରତର ଭବିଷ୍ୟତ ଅଧିନାୟକ ବୋଲି କହିଛନ୍ତି । ସୂର୍ଯ୍ୟକୁମାର ବିଶ୍ୱକପରେ ୩୦.୨୫ ଆଭରେଜରେ ୨୪୨ ରନ କରିଥିଲେ । ତେବେ ସେମିଫାଇନାଲ ଓ ଫାଇନାଲରେ ଭଲ ଖେଳିପାରି ନ ଥିଲେ । ସଞ୍ଜୁଙ୍କ ନିକଟରେ ବୟସ ଓ ଦକ୍ଷତା ରହିଛନ୍ତି । ସେ ୨/୩ ବର୍ଷ ମଧ୍ୟରେ ନିଜକୁ ଅଭିଜ୍ଞ ଟି୨୦ ଖେଳାଳି ଭାବେ ଉପସ୍ଥାପିତ କରିପାରିଲେ ଅଧିନାୟକ ଦାୟିତ୍ୱ ମିଳିବା ବଡ କଥା ନୁହେଁ । ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲଙ୍କ ସହ ତାଙ୍କୁ ମୁକାବିଲା କରିବାକୁ ହେବ ।

# ବିଶ୍ୱ ବକ୍ସିଂ ଫ୍ୟୁଚର କପ୍ ଭାରତୀୟ ଯୁବ ବକ୍ସରଙ୍କ କୃତିତ୍ୱ



ବ୍ୟାଙ୍କକ୍: ଭାରତୀୟ ଯୁବ ବକ୍ସିଂ ଦଳ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଫ୍ୟୁଚର କପ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି । ଚନ୍ଦ୍ରିକା ପୂଜାରୀ, ଜୟଶ୍ରୀ ଦେବୀ, ଏଲ୍ ଆମ୍ବେକର, ଗୁଞ୍ଜନ ଓ ପ୍ରାଚୀ ନିଜ ନିଜ ବାଉଟ୍ ଜିତି ଆଗକୁ ବଢ଼ିଛନ୍ତି । ମଙ୍ଗଳବାର ମହିଳା ୫୦ କିଲୋଗ୍ରାମ୍ ବର୍ଗର ତୃତୀୟ ରାଉଣ୍ଡ ମୁକାବିଲାରେ ଚନ୍ଦ୍ରିକା ୫-୦ରେ ଭେନ୍‌ଜୁଏଲାର ଖେଳାଳିଙ୍କୁ ହରାଇଥିଲେ । ସେହିପରି ୫୪ କିଲୋଗ୍ରାମ୍ ବର୍ଗରେ ଜୟଶ୍ରୀ ଆରଏସ୍‌ସିରେ କାଜାଖସ୍ତାନ୍‌ର ଖେଳାଳିଙ୍କୁ ମାତ୍ ଦେଇଥିଲେ । ୪୮କିଲୋଗ୍ରାମ୍‌ରେ ଗୁଞ୍ଜନ ୩-୨ରେ ଏବଂ ୬୦ କିଲୋଗ୍ରାମ୍‌ରେ ପ୍ରାଚୀ ଆରଏସ୍‌ସିରେ ଇକ୍ୱେଡର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ । ପୁରୁଷ ୫୦ କିଲୋଗ୍ରାମ୍‌ରେ ଏଲ୍ ଆମ୍ବେକର ୫-୦ରେ ଇକ୍ୱେଡର ଖେଳାଳିଙ୍କୁ ବି ହରାଇଥିଲେ ।

# ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ପରେ ଆଇପିଏଲ୍ ୨୦୨୬ର ସିଡ୍ୟୁଲ ଜାରି ହେବ : ବିସିସିଆଇ



ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୬ର ସିଡ୍ୟୁଲକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ପ୍ରଥମେ କୁହାଯାଉଥିଲା କି ଟି-୨୦ ବିଶ୍ୱକପ ଫାଇନାଲ ଦିନ ତଥା ଗତ ରବିବାର(୮) ଉଦଯାପନୀ ଉତ୍ସବ ପୂର୍ବରୁ ଲିଗର ଆଗାମୀ ସିଜନର ସିଡ୍ୟୁଲ ଜାରି କରାଯିବ । କିନ୍ତୁ ଏଭଳି ହେଲା ନାହିଁ । ଏବେ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ଼ର ସଚିବ ଦେବଜୀତ ସ୍ୟାକିୟା ସିଡ୍ୟୁଲକୁ ନେଇ ବଡ଼ ଅପଡେଟ୍ ସେୟାର କରିଛନ୍ତି । ସେ କହିଛନ୍ତି କି, ସିଡ୍ୟୁଲ କେଉଁ ତାରିଖରେ ଜାରି କରାଯିବ । ଏହା ବ୍ୟତୀତ ଏକ ବଡ଼ ଟ୍ୱିଷ୍ଟ ବି କହିଛନ୍ତି । ସୂଚନା ଅନୁସାରେ, ବିସିସିଆଇ ସଚିବ କହିଛନ୍ତି କି, 'ଆମେ ୧୨ମାର୍ଚ୍ଚ ପର୍ଯ୍ୟନ୍ତ ଆଇପିଏଲ୍ ୨୦୨୬ର ସିଡ୍ୟୁଲ ଜାରି କରିବାର ଯୋଜନା କରୁଛୁ । ପ୍ରଥମ ୨୦ଦିନର ସିଡ୍ୟୁଲ ଜାରି କରିବୁ । ' ପ୍ରଥମେ ସାମ୍ନାକୁ ଆସିଥିବା କେତେକ ରିପୋର୍ଟରେ କୁହାଯାଇଥିଲା କି ସିଡ୍ୟୁଲ ଦୁଇ ପର୍ଯ୍ୟାୟରେ ଜାରି କରାଯିବ । କୁହାଯାଇଥିଲା କି ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍ ପ୍ରଥମ ପର୍ଯ୍ୟାୟର ସିଡ୍ୟୁଲ କ୍ଲିୟର କରିଦେଇଛନ୍ତି । ଏବେ କିନ୍ତୁ ୨୦ଦିନର ସିଡ୍ୟୁଲ ଜାରି କରାଯିବ । ପ୍ରକାଶ ଯେ, ଆଇପିଏଲ୍ ସିଡ୍ୟୁଲ୍ ଜାରି କରିବାରେ ବିଳମ୍ବ ନିର୍ବାଚନ କାରଣରୁ ହେଉଛି । ସିଡ୍ୟୁଲକୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ନିର୍ବାଚନ କାରଣରୁ ଜାରି କରାଯିବ । କୁହାଯାଉଛି କି ୨୦୨୬ରେ ପଶ୍ଚିମବଙ୍ଗ, ଆସାମ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାରେ ଅଛି । ଯାହାକୁ ଧ୍ୟାନରେ ରଖି ଆଇପିଏଲ ସିଡ୍ୟୁଲ ପ୍ରସ୍ତୁତ କରାଯାଇଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**